## ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟିତ

ପୁରୁଣା ଭୁବନେଶ୍ୱର, (ଡି.ଏନ୍.ଏ.): ଏକାମ୍ର ନିର୍ବାଚନମଣ୍ଡଳୀର ଇଟିପୁର ପଞ୍ଚାୟତରେ୬୩ଲକ୍ଷ ୨୦ହଜାର ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପକୁ ଶୁକ୍ରବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଛନ୍ତି। ଉକ୍ତ ପ୍ରକଳ୍ପ ମଧ୍ୟରେ ଡିହପୁର ମଦନମୋହନ ମନ୍ଦିର, ବିକିପୁର କୋଠଘର, ଜୟପୁର ଗ୍ରାମ୍ୟ କଂକ୍ରିଟ ରାସ୍ତା, ଜୟପୁରପାଟଣା ଗ୍ରାମ୍ୟ ମୁଖ୍ୟ ଡ୍ରେନ, ଇଟିପୁର ଗ୍ରାମପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ, ଗୋବର୍ଦ୍ଧନପୁର ମଲ୍ଲିକସାହି କୋଠଘର ଆଦି ରହିଛି। ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷ ଅବିନାଶ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ସୁନ୍ଦରାୟ, ସରପଞ୍ଚ ପୂର୍ଣ୍ଣିମା ଚନ୍ଦ୍ରମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶା ସିଏସ୍‌ଆର୍ ଫୋରମର ଆୱାର୍ଡ ସେରମନି, ହୋଟେଲ ଦି ନ୍ୟୁ ମାରିଅନ, ଜନପଥ, ପୂର୍ବାହ୍ନ ୧୦ଟା।
- ସମାଜବାଦୀ ପାର୍ଟି ପକ୍ଷରୁ ରାଜ୍ୟସ୍ତରୀୟ ପଛୁଆବର୍ଗ ସମ୍ମିଳନୀ, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୦ଟା ୩୦।
- ଦି ରେନ୍‌ବୋ ସ୍ମାଇଲ୍‌ସ ପୁସ୍ତକ ଲୋକାର୍ପଣ ଉତ୍ସବ, କଳିଙ୍ଗ ବୁଦ୍ଧ ମନ୍ଦିର, ୟୁନିଟ-୯, ପୂର୍ବାହ୍ନ ୧୧ଟା।
- ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ, ରାଜଭବନ, ମଧ୍ୟାହ୍ନ ୧୨ଟା ୪୦।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ସାଧାରଣ ଅଧିବେଶନ ଓ କବିତା ପାଠୋତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### 'ଛାତ୍ରୀଛାତ୍ର ପରିବର୍ତ୍ତନର ବାର୍ତ୍ତାବହ'

ଭୁବନେଶ୍ୱର,୨୯।୧୦(ବ୍ୟୁରୋ): ଛାତ୍ରୀଛାତ୍ରମାନେ ହେଉଛନ୍ତି ପରିବର୍ତ୍ତନର ବାର୍ତ୍ତାବହ। ସେମାନେ ନିଜର ଦକ୍ଷତା ବିକାଶ ପାଇଁ କ୍ଷମତା, ଆତ୍ମବିଶ୍ୱାସ, ଚରିତ୍ର ଓ ଯୋଗଦାନ ଉପରେ ଗୁରୁତ୍ୱ ଦେବା ଦରକାର ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି। ବିଶ୍ୱବିଦ୍ୟାଳୟର ଉତ୍କଳ ଏଣ୍ଟରପ୍ରିନରସିପ୍ ଆଣ୍ଡ୍ କ୍ୟାରିୟର ହବ୍ ଏବଂ ଟାଟା କନ୍‌ସଲଟାନ୍ସି ସର୍ଭିସେସ(ଟିସିଏସ୍)ର ମିଳିତ ସହଯୋଗରେ ବାଣୀବିହାର ନ୍ୟୁଏକାଡେମିକ ବ୍ଲକରେ ଯୁବ ରୋଜଗାରକ୍ଷମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲଶ। କୁଳପତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଏହି କାର୍ଯ୍ୟକ୍ରମ ଜରିଆରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ପାଇଁ ଟିସିଏସ୍ ସହାୟତା ଯୋଗାଇ ଦେବ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ବସନ୍ତ ମଲ୍ଲିକ, ଟିସିଏସ୍-ସିଏସ୍‌ଆର ମହାପ୍ରବନ୍ଧକ ପ୍ରିୟା ଏସ୍. ମହାପାତ୍ର ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ନେଇ ଆଲୋକପାତ କରିଥିଲେ। ପ୍ରଫେସର ଏ.ଏ.ଖାନ ପରିଚାଳନା କରିଥିଲେ। 'ଯୁବ ରୋଜଗାରକ୍ଷମ କାର୍ଯ୍ୟକ୍ରମ' ଜରିଆରେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶିକ୍ଷଣ ଦିଆଯିବ।

### ଚଳନ୍ତା ରୋଲର ତଳକୁ ଡେଇଁ ଡ୍ରାଇଭରଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୨୯।୧୦(ବ୍ୟୁରୋ): ଭରତପୁର ଥାନା ଲେନ୍-୧୧ରେ ନିଜ ଚଳନ୍ତା ରୋଲର ଆଗକୁ ଡେଇଁ ଡ୍ରାଇଭର ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ ଥାନା ଅଞ୍ଚଳର ନୀଳମଣି ଦେବତା(୩୨)। ଖବର ପାଇ ସ୍ଥାନୀୟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ ବି ସେ ବଞ୍ଚିପାରି ନ ଥିଲେ। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତ କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନ.୧୪୪/୨୧) ରୁଜୁ କରି ତଦନ୍ତ ଚଳାଇଛି। ପାରିବାରିକ କଳହ ଯୋଗୁଁ ଯୁବକ ଜଣଙ୍କ ଆତ୍ମହତ୍ୟା କରିଥିବା ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ନୀଳମଣି ଘରେ ଝଗଡା କରି ସ୍ତ୍ରୀଙ୍କ ସହ ଭରତପୁର ଥାନା ସାଇବିହାର ଲେନ୍-୧୧ରେ ରହୁଥିଲେ। ନୀଳମଣି ରୋଲର ଡ୍ରାଇଭର ଭାବେ କାମ କରନ୍ତି। ପ୍ରାୟ ସମୟରେ ନୀଳମଣୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ଲାଗି ରହୁଥିଲା। ଶୁକ୍ରବାର ସେ ରୋଲର ଚଳାଉଥିବାବେଳେ ସ୍ତ୍ରୀଙ୍କ ସହ ଉଚ୍ଚ ସ୍ୱରରେ ଫୋନ୍‌ରେ କଥା ହେଉଥିଲେ। ସେତିକିବେଳେ ସ୍ତ୍ରୀଙ୍କ ସହ ଝଗଡା କରି ରୋଲର ଆଗକୁ ଡେଇଁ ପଡିଥିଲେ।

# ଭିଜିଲାନ୍ସ ହାତରେ ପ୍ରସନ୍ନଙ୍କ ଗୁପ୍ତ ଡାଏରି

**ରିମାଣ୍ଡରେ ଆସିପାରନ୍ତି କୋଟିପତି କନଷ୍ଟେବଲ**

- କଳ୍ପନାସ୍ଥିତ ଘରୁ ମିଳିଥିବା ସୂଚନା
- ସମ୍ପତ୍ତି ପରିମାଣ ଆଜି ସ୍ପଷ୍ଟ ହେବ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ବହୁଚର୍ଚ୍ଚିତ ମନୀଷ ଅନୁରାଗ ଦାସ ହତ୍ୟା ମାମଲା ପରେ ବିବାଦ ଘେରକୁ ଆସି ଜେଲରେ ଥିବା ବହିଷ୍କୃତ କନଷ୍ଟେବଲ ପ୍ରସନ୍ନ ବେହେରା ଏବେ ଭିଜିଲାନ୍ସ ଜାଲରେ। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଗୁରୁବାର ଭିଜିଲାନ୍ସ ଟିମ୍ ତାଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରାୟ ୧୯ ଘଣ୍ଟାର ଯାଞ୍ଚବେଳେ ପ୍ରସନ୍ନଙ୍କ ବହୁ କୋଟିର ସମ୍ପତ୍ତି ମିଳିଥିଲା। ତେବେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ତାଙ୍କର ମୋଟ ସମ୍ପତ୍ତି ସମ୍ପର୍କରେ ସ୍ପଷ୍ଟ କରାଯାଇ ନ ଥିବାବେଳେ ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ ଜେଠ୍ୱା କହିଛନ୍ତି, ପ୍ରସନ୍ନଙ୍କ ସମ୍ପତ୍ତିର ହିସାବ ଚାଲିଛି। ମୋଟ ସମ୍ପତ୍ତି ଓ ଆୟବହିର୍ଭୂତ ସମ୍ପତ୍ତି କେତେ ସେସମ୍ପର୍କରେ ଶନିବାର ସୂଚନା ଦିଆଯିବ। ଏଠାରେ ପ୍ରଶ୍ନ ଉଠୁଛି, ପ୍ରସନ୍ନ ଜଣେ କନଷ୍ଟେବଲ ହୋଇ ଏତେ ବିପୁଳ ସମ୍ପତ୍ତିର ମାଲିକ ହେଲେ କିପରି। ଭିଜିଲାନ୍ସ ଅଧିକାରୀମାନେ ମଧ୍ୟ ତାଙ୍କ ସମ୍ପତ୍ତିକୁ ଦେଖି ଆଶ୍ଚର୍ଯ୍ୟଚକିତ ହୋଇଯାଇଛନ୍ତି। ପ୍ରସନ୍ନ ଜେଲରେ ଥିବାରୁ ଭିଜିଲାନ୍ସ ତାଙ୍କୁ ରିମାଣ୍ଡରେ ଆଣି ଅମାପ ସମ୍ପତ୍ତି ଠୁଳର ଖିଅ ଖୋଜିବାକୁ ଚେଷ୍ଟା କରିପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ କଳ୍ପନାସ୍ଥିତ ସରକାରୀ ବାସଭବନରେ ଚଢ଼ାଉ ସମୟରେ ଭିଜିଲାନ୍ସ ପ୍ରସନ୍ନଙ୍କ ହାତ ଲେଖା ଡାଏରୀ ପାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। କୁହାଯାଉଛି, ପ୍ରସନ୍ନ ନିଜର ବ୍ୟକ୍ତିଗତ ଲେଖା, କାହାକୁ କେତେ ଉପହାର ସ୍ୱରୂପ ଫର୍ନିଚର ଦେଇଥିଲେ ତାହା ଏଥିରେ ଲେଖା ରହିଛି। ଏହାକୁ ଗୁପ୍ତ ଡାଏରୀ କୁହାଯାଉଥିବାବେଳେ ପ୍ରସନ୍ନଙ୍କ କଳାକାରନାମା ଓ ବିପୁଳ ସମ୍ପତ୍ତିର ଗୁମର ଖୋଲିପାରେ ବୋଲି ଭିଜିଲାନ୍ସ ଆଶା ରଖିଛି।

କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସ ଟିମ୍ ଶନିବାର ସକାଳେ ପ୍ରସନ୍ନଙ୍କ କଳ୍ପନାସ୍ଥିତ ସରକାରୀ ବାସଭବନ, ଖୋର୍ଦ୍ଧା ନୂଆପଡ଼ାରେ ଥିବା ପୈତୃକ ଘର, ଲିଙ୍ଗିପୁରସ୍ଥିତ ଫର୍ନିଚର ୱାର୍କଶପ୍, ତମାଣ୍ଡୋ ଥାନା ଡୁମୁଡୁମାସ୍ଥିତ ସ୍ୱାର୍କ ଫର୍ନିଚର୍ ଓ ସାଉଥ୍‌ସିଟି ବାର୍‌ରେ ଚଢ଼ାଉ କରିଥିଲା। ଏଥିସହ ପ୍ରସନ୍ନଙ୍କ ନାମରେ ଏକ ମାମଲା(ନ.୯/୨୧) ରୁଜୁ କରିଛି। ତେବେ ଭିଜିଲାନ୍ସ ଠାବ କରିଥିବା ସମ୍ପତ୍ତି ମଧ୍ୟରେ ଡୁମୁଡୁମାରେ ଥିବା ସ୍ୱାର୍କ ଫର୍ନିଚର ଶୋ' ରୁମ୍ ୨୫ ଏକର ଜାଗାରେ ରହିଛି। ଏହି ପ୍ଲଟ୍‌କୁ ୨୦୧୯ରେ ୧କୋଟି ୪୬ ଲକ୍ଷ ୬୦ ହଜାର ଟଙ୍କାରେ ପ୍ରସନ୍ନ କିଣିଥିଲେ। ଉକ୍ତ ଶୋ'ରୁମ୍ କୋଠା ୧୮ ହଜାର ବର୍ଗଫୁଟ୍ ଜାଗାରେ ନିର୍ମିତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କା ହେବ। ସେହିପରି ୪୫ ଲକ୍ଷ ଟଙ୍କାରେ ଖୋର୍ଦ୍ଧା ନୂଆପଡ଼ାରେ ପ୍ଲଟ୍, ସୁନ୍ଦରପଦାରେ ତାଙ୍କ ପୁତୁରାଙ୍କ ନାମରେ ୨୪ ଲକ୍ଷ ଟଙ୍କାର ଫ୍ଲାଟ୍, ପ୍ରସନ୍ନଙ୍କ ନାମରେ ୫୦ ଲକ୍ଷ ଟଙ୍କାର ବୀମା ରସିଦ୍, ୪ଟି ଚାରିଚକିଆ ଗାଡ଼ି, ଦୁଇଟି ବାଇକ୍, ୨୧ ପାସ୍ ବୁକ୍ ରହିଥିବା ଜଣାପଡିଛି। ସୂଚନାଯୋଗ୍ୟ, ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷ ହତ୍ୟା ମାମଲାରେ ଛନ୍ଦି ହୋଇ ପ୍ରସନ୍ନ ତଦନ୍ତ ପରିସରଭୁକ୍ତ ହୋଇଥିଲେ। ତମାଣ୍ଡୋ ଥାନା ପାତ୍ରପଡ଼ା ଅଞ୍ଚଳରେ ଥିବା ହୋଟେଲ ସାଉଥ୍‌ସିଟିର ବାର୍‌କୁ ଭାଇଙ୍କ ନାଁରେ ଲିଜ୍‌ରେ ନେଇଥିଲେ। ବିନା ଲାଇସେନ୍ସରେ କୋଭିଡ୍ ନିୟମ ଉଲ୍ଲଂଘନ କରି ବିଳମ୍ବିତ ରାତି ଯାଏ ସେଠାରେ ମଦ ଆସର ସହ ନାଚଗୀତ ଆୟୋଜନ କରୁଥିଲେ। ସେ ଭୁବନେଶ୍ୱର ହାବିଲ୍‌ଦାର ଓ କନଷ୍ଟେବଲ ସଂଘ ସମ୍ପାଦକ ଥିବାରୁ ନିୟମକୁ ଖାତିର କରୁ ନ ଥିଲେ। ଏଥିସହ ପୂର୍ବରୁ ତାଙ୍କ ବିରୋଧରେ ୮ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଓ ୫ ଆପରାଧିକ ମାମଲା ମଧ୍ୟ ରହିଥିଲା। ସମସ୍ତ ପ୍ରମାଣ ମିଳିବା ପରେ ଡିସିପି ତାଙ୍କୁ ଗତ ୨୨ ତାରିଖରେ ନିଲମ୍ବିତ କରିଥିଲେ। ୨୩ ତାରିଖରେ ତାଙ୍କୁ ଗିରଫ କରାଯିବାପରେ ୨୪ରେ ଚାକିରିରୁ ବହିଷ୍କାର କରାଯାଇଥିଲା।



ନାଟ୍ୟକାର ଯୁଗ ପ୍ରକାଶ କାନୁନ୍‌ଗୋଙ୍କ ସ୍ମୃତି ଉଦ୍ଦେଶ୍ୟରେ କଟକ ଅନ୍ନପୂର୍ଣ୍ଣା ଥିଏଟରଠାରେ ଶୁକ୍ରବାର ଥିଏଟର ବି ଗ୍ରୁପ କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'କାହାଣୀ ଏକ ଯୁଗର'ର ଏକ ଦୃଶ୍ୟ।

## ମେଳା ପାଇଁ ମୁଖରିତ ଏକାମ୍ର ହାଟ

ଭୁବନେଶ୍ୱର, ୨୯।୧୦ (ବ୍ୟୁରୋ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ ଥିବା ଏକାମ୍ର ହାଟ ଏବେ କଳା, ସଂସ୍କୃତି ଓ ପରମ୍ପରାର ମୁଖଶାଳା ପାଲଟିଛି। ଏଠାରେ ହସ୍ତଶିଳ୍ପ, ହସ୍ତତନ୍ତ, ଉତ୍କର୍ଷ କଳା ପ୍ରଦର୍ଶନ, ରୁଚିକର ଓଡ଼ିଆ ଖାଦ୍ୟ, ବିବିଧ ଭାରତୀୟ ବ୍ୟଞ୍ଜନ, କନ୍‌ଫରେନ୍ସ ହଲ୍, ମୁକ୍ତାକାଶ ରଙ୍ଗମଞ୍ଚ, ପାର୍କିଂ ଓ ଏଟିଏମ୍‌ର ସୁବିଧା ରହିଛି। ଦୀପାବଳି ଉପଲକ୍ଷେ ଗତ ୧୬ ତାରିଖରୁ ଚାଲିଥିବା ଦୀପ ଓ ଟେରାକୋଟା ମେଳା ଅନ୍ୟତମ ଆକର୍ଷଣ ପାଲଟିଛି। ବିକ୍ରି ସହ ପ୍ରଦର୍ଶନର ବିଶେଷ ଆୟୋଜନ କରାଯାଇଛି। ଲେଡି ଦୀପ, ଗଣେଶ ଦୀପ, ପଞ୍ଚଦୀପ ସମେତ ଝୁଲା ଦୀପ ଷ୍ଟାଣ୍ଡ, ଦେଉଳ ଦୀପ ଷ୍ଟାଣ୍ଡ, ଲଣ୍ଠନ ଦୀପ ଷ୍ଟାଣ୍ଡ, ଲାଇଟ୍ ପୋଷ୍ଟଷ୍ଟାଣ୍ଡ, ଆଦିର ଅଧିକ ଚାହିଦା ରହିଛି। ଘରକରଣା ସାମଗ୍ରୀ, ରଙ୍ଗବେରଙ୍ଗ କଣ୍ଢେଇ, ବିଭିନ୍ନ ମୂର୍ତ୍ତି, ମୋଟୁ ପତଲୁ, ପରିବା, ମାଛ ଓ ପକ୍ଷୀ ଆକୃତିର କୁମ୍ଭି, ବ୍ରସଷ୍ଟାଣ୍ଡ, ମଶାଧୂପ ଷ୍ଟାଣ୍ଡ ଆଦି ସାମଗ୍ରୀ ବେଶ୍ ଆକର୍ଷଣ ସାଜିଛି। ଗ୍ଲାସ, ଜଗ୍, ଦହିହାଣ୍ଡି, ପାଣିବୋତଲ, ମାଟିର କପ୍, ଶ୍ରୀଜଗନ୍ନାଥଙ୍କ ନବକଳେବର ରଥ, ରୋଷେଇ ସାମଗ୍ରୀ, ମହାପୁରୁଷଙ୍କ ମାଟି ମୂର୍ତ୍ତି, ମାଟି ଚଢ଼େଇ, ମାଟି ନିର୍ମିତ ବାଦ୍ୟ, ଡେଉଁଥିବା ବେଙ୍ଗ ଆଦି ବିକ୍ରୟ ନିମନ୍ତେ ରଖାଯାଇଛି। ହାଟ ପ୍ରତିଦିନ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହୁଥିବାବେଳେ ଟେରାକୋଟା ମେଳା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।

## ସ୍ମାର୍ଟ ସଲ୍ୟୁଶନ ପ୍ରକଳ୍ପରେ ସ୍ମାର୍ଟ ହେବ ରାଜଧାନୀ

**ତାର ମୁକ୍ତ ହେବ ସହର**

ଭୁବନେଶ୍ୱର, ୨୯।୧୦ (ବ୍ୟୁରୋ)

ରାଜଧାନୀ ରାସ୍ତାରେ ଆଉ କୌଣସି ସ୍ଥାନରେ ମୁଣ୍ଡ ଉପରେ କେବୁଲ ତାର ଦେଖିବାକୁ ମିଳିବ ନାହିଁ। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ୍) ପକ୍ଷରୁ ଅଣ୍ଡରଗ୍ରାଉଣ୍ଡ ଫାଇବର ଅପ୍ଟିକ୍ କେବୁଲ ଯୋଗାଇବା ପାଇଁ ପଦକ୍ଷେପ ନେଇଥିବାରୁ ଖୁବ୍‌ଶୀଘ୍ର ସହର ତାର ମୁକ୍ତ ହେବ। ସ୍ମାର୍ଟ ସଲ୍ୟୁଶନ ପ୍ରକଳ୍ପ ମାଧ୍ୟମରେ ସହର ମଧ୍ୟ ସ୍ମାର୍ଟ ହେବ। ବିଭିନ୍ନ ଟେଲି କମ୍ୟୁନିକେଶନ ସଂସ୍ଥା ବିଏସ୍‌ସିଏଲ୍ ମାଧ୍ୟମରେ ନିଜ ଗ୍ରାହକଙ୍କ ପାଖରେ ପହଞ୍ଚିବେ। ଏଥିପାଇଁ ବିଏସ୍‌ସିଏଲ୍ ପକ୍ଷରୁ ସହରରେ ପୂର୍ବରୁ ୫୯୦ କିମି ଅପ୍ଟିକାଲ ଫାଇବର କେବୁଲ (ଓଏଫ୍‌ସି) ବିଛାଯାଇଥିବା ବେଳେ ୫୦୧ଟି ଟେଷ୍ଟିଙ୍ଗ୍ ସରିଥିବା ସୂଚନା ଦିଆଯାଇଛି। ଏହି କେବୁଲ ମାଟି ତଳେ ବିଛାଯାଇଛି। ଏହାକୁ ବ୍ୟବହାର କରି କେବୁଲ ଚ୍ୟାନେଲ, ଇଣ୍ଟରନେଟ୍ ଯୋଗାଣ ସଂସ୍ଥା ଓ ଅନ୍ୟ ଟେଲି କମ୍ୟୁନିକେଶନ ସେବା ଯୋଗାଣକାରୀମାନେ ନିଜର ସେବା ଯୋଗାଇ ପାରିବେ। ଏଥିପାଇଁ ସ୍ମାର୍ଟସିଟି ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଅର୍ଥ ପୈଠ କରିବା ପରେ ସ୍ମାର୍ଟସିଟି ସେମାନଙ୍କୁ ନିଜର କେବୁଲ ବ୍ୟବହାର କରିବାକୁ ଦେବ। ବିଛାଯାଇଥିବା ଓଏଫ୍‌ସି ଟେଷ୍ଟିଂ ସରିବା ପରେ ନିକଟରେ ବିଏସ୍‌ସିଏଲ୍ ଡାର୍କ ଫାଇବର (ଅପ୍ଟିକାଲ୍ ଫାଇବର ନେଟୱର୍କ) ଲିଜ୍ ପାଇଁ ଲାଇସେନ୍ସପ୍ରାପ୍ତ ଇଣ୍ଟରନେଟ୍ ସେବା ପ୍ରଦାନକାରୀଙ୍କଠାରୁ ଟେଣ୍ଡର ଆରମ୍ଭ ହୋଇଛି। ସିସିଟିଭି କ୍ୟାମେରା, ପବ୍ଲିକ୍ ଆଡ୍ରେସ୍ ସିଷ୍ଟମ୍ (ପିଏଏସ୍) ସ୍ପିକର, ଡାଇନାମିକ୍ ମେସେଜ୍ ସାଇନ୍ ବୋର୍ଡ (ଡିଏମ୍‌ଏସ୍), ଟ୍ରାଫିକ୍ ଭଳି ସମସ୍ତ ସ୍ମାର୍ଟ ଉପାଦାନ ଚାଲିପାରିବ ବୋଲି ବିଏସ୍‌ସିଏଲ୍ ସିଇଓ ସଞ୍ଜୟ କୁମାର ସିଂ କହିଛନ୍ତି।

## ମମିତାଙ୍କୁ ନ୍ୟାୟ ଦାବି

ପୁରୁଣା ଭୁବନେଶ୍ୱର,୨୯।୧୦(ଡି.ଏନ୍.ଏ.)

ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟା ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଏକାମ୍ର ଜନଜାଗରଣ ମଞ୍ଚ ଦାବି କରିଛି। ଶୁକ୍ରବାର ଶ୍ରୀଲିଙ୍ଗରାଜ ମନ୍ଦିର ଆଗରେ ମଞ୍ଚର କର୍ମକର୍ତ୍ତାମାନେ ଦୀପଜାଳି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକଙ୍କ ନେତୃତ୍ୱରେ ସରୋଜ ମିଶ୍ର, ଗୋପୀନାଥ ପ୍ରଧାନ, ମାନସ ପତି, ରତିକାନ୍ତ ଗରାବଡୁ, ବିଷ୍ଣୁପ୍ରିୟା ଜେନା, ସଞ୍ଜୁଲତା ପଟ୍ଟନାୟକ, ରାଜେଶ ମିଶ୍ର, ବିଜୟ ଭଟ୍ଟାଚାର୍ଯ୍ୟ, ସୌମ୍ୟରଞ୍ଜନ ପଣ୍ଡା, ବିନୋଦିନୀ ସେନାପତି, ମାନସୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର,୨୯।୧୦

ଭାରତୀୟ ମଜଦୁର ସଂଘର ଆହ୍ୱାନକ୍ରମେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଧିକାରୀ ସଂଘ ଏବଂ କର୍ମଚାରୀ ସଂଘ ମିଳିତ ଭାବେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ପ୍ରଦର୍ଶନ କରିଥିଲେ। ଭାରତ ସରକାରଙ୍କ ସରକାରୀ ସଂସ୍ଥାର ଘରୋଇକରଣ ନୀତି, ବ୍ୟାଙ୍କ ମିଶ୍ରଣ ନୀତି, ଗ୍ରାମ୍ୟ ବ୍ୟାଙ୍କ ପ୍ରତି ବୈମାତୃକ ଭାବକୁ ମିଳିତ ପ୍ରତିବାଦ କରିଥିଲେ। ଗ୍ରାମ୍ୟ ବ୍ୟାଙ୍କରେ ଜାତୀୟକରଣ ବ୍ୟାଙ୍କ ପରି ଅନ୍ୟାନ୍ୟ ସୁବିଧା ଲାଗୁ କରିବା ଓ ରାଷ୍ଟ୍ରୀୟ ଗ୍ରାମୀଣ ବ୍ୟାଙ୍କ ପ୍ରତିଷ୍ଠା ପାଇଁ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ୟାଙ୍କ ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିଲେ। ସର୍ବଭାରତୀୟ ଗ୍ରାମ୍ୟ ବ୍ୟାଙ୍କ ସଂଘ ଆୟୋଜନ ସଚିବ ସରୋଜ ପ୍ରଧାନ, ଅଧିକାରୀ ସଂଘ ସଭାପତି ରଜନୀକାନ୍ତ ମହାପାତ୍ର, ସମ୍ପାଦକ ପ୍ରିୟବ୍ରତ ଦାସ, କର୍ମଚାରୀ ସଂଘ ସମ୍ପାଦ ବନବିହାରୀ ପୃଷ୍ଟି, ସର୍ବଭାରତୀୟ ଗ୍ରାମ୍ୟ ବ୍ୟାଙ୍କ ସମ୍ପାଦକ ରଶ୍ମୀ ମହାପାତ୍ର, ପ୍ରଦୀପ୍ତ ନାଏକ, ଅନ୍ନପୂର୍ଣ୍ଣା ସାମଲ, ମମିତା ପରିଡାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଶ୍ୱିନୀ



@ ଅଜିତ



@ ପ୍ରେମାଶିଷ୍



@ ଯଶୋଦା



@ କାହ୍ନା



@ ରାକେଶ

## ଓଡ଼ିଶା ନାଗରିକ ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ମମିତା ମେହେରଙ୍କ ହତ୍ୟା ଘଟଣାକୁ ନେଇ ଓଡ଼ିଶା ନାଗରିକ ମହାମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କୁ ଶୁକ୍ରବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, ହତ୍ୟାର ପୃଷ୍ଠଭୂମିକୁ ଦେଖିଲେ ସ୍ପଷ୍ଟଭାବେ ଏହା ଏକ ଷଡ଼ଯନ୍ତ୍ର ଜଣାପଡୁଛି, ଯାହାର ଚେର ଲୋକସେବା ଭବନରୁ ଜିଲା ଓ ମଣ୍ଡଳ ପ୍ରଶାସନିକ କ୍ଷେତ୍ର ପର୍ଯ୍ୟନ୍ତ ଲମ୍ବିଛି। ବିଶେଷ କରି ରାଜ୍ୟର ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଏହି ଜଘନ୍ୟ ହତ୍ୟା କାଣ୍ଡରେ ସମ୍ପୃକ୍ତି ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଗଣମାଧ୍ୟମରେ ପ୍ରସାରିତ ହେଉଛି। ଏଣୁ ସର୍ବୋଚ୍ଚ ନ୍ୟାୟାଳୟ କିମ୍ବା ଉଚ୍ଚ ନ୍ୟାୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିବିଆଇ ଦ୍ୱାରା ତଦନ୍ତ ହେଲେ ପ୍ରକୃତ ଘଟଣା ସାମ୍ନାକୁ ଆସିପାରିବ ବୋଲି ଉଲ୍ଲେଖ ରହିଛି। ଓଡ଼ିଶା ନାଗରିକ ମହାମଞ୍ଚ, ଓଡ଼ିଶା ସମାଜସେବୀ ମହାସଂଘ, ଜନଅଧିକାର ପରିଷଦ, ଜନ ଚେତନା ପରିଷଦର ମିଳିତ କ୍ରିୟାନୁଷ୍ଠାନ କମିଟି ମିଳିତଭାବେ ତଦନ୍ତ ପାଇଁ ନିବେଦନ କରିଛନ୍ତି।



ଖୋର୍ଦ୍ଧା ଜିଲା ଗୟାବନ୍ଧ ଛକ ନିକଟରେ ଶୁକ୍ରବାର ସକାଳେ ୧୭ଟିକିଆ ହାତୀପଲ ୧୬ନମ୍ବର ଜାତୀୟ ରାଜପଥ ପାର ହେଉଛନ୍ତି।




ନିମାପଡ଼ା ଝାମ୍ପୁଲାକୁଦ ଛକଠାରେ ରତ୍ନାକର ଦାଶ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥି।




ମମିତା ମେହେର ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି କରି ଓଡ଼ିଶା ନାଗରିକ ମଞ୍ଚ ସମେତ ବିଭିନ୍ନ ଗଣସଙ୍ଗଠନ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଛି।

## ଆଜି କ'ଣ କେଉଁଠି

କଟକ

- ଏଆଇୟୁଟିୟୁସି ପକ୍ଷରୁ କୃଷି ଓ ଶ୍ରମ ଆଇନ ବିରୋଧରେ ବିକ୍ଷୋଭ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- ଉତ୍କଳ ସାହିତ୍ୟ ସମାଜର ୧୧୯ତମ ବାର୍ଷିକ ସାଧାରଣ ଅଧିବେଶନ ଉଦ୍‌ଘାଟନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ନିମ୍ନମାନର ମଶାତେଲ କିଣାର ଭିଜିଲାନ୍ସ ତଦନ୍ତ ଦାବି

**କଟକ ଅଫିସ,୨୯।୧୦:** କଟକ ମହାନଗର ନିଗମ(ସିଏମ୍‌ସି)ରେ ବିନା ଟେଣ୍ଡରରେ ସ୍ଥାନୀୟ ଅଞ୍ଚଳରୁ ମଶାତେଲ କିଣାଯାଇଛି। ଏଥିରେ ଦୁର୍ନୀତି ହୋଇଥିବା ରାଷ୍ଟ୍ରୀୟ ପଛୁଆବର୍ଗ ମହାସଂଘ ପକ୍ଷରୁ ଅଭିଯୋଗ ହୋଇଛି। ତୁରନ୍ତ ଏହାର ଭିଜିଲାନ୍ସ ତଦନ୍ତ ଦାବିକରି ଶୁକ୍ରବାର ମହାସଂଘର ରାଜ୍ୟ ପ୍ରଭାରୀ ସଞ୍ଜିତ ସାମଲ, ସଙ୍ଗଠନ ସମ୍ପାଦକ ଦିଲୀପ ଜେନା, ସମ୍ପାଦକ ସୁଧାଂଶୁ ପରିଡା ଓ ଉଗ୍ରସେନ ଭୂୟାଁ ପ୍ରମୁଖ ଭିଜିଲାନ୍ସ ଏଆଇଜି ଅନିଲ କୁମାର ପାତ୍ରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ରରେ ଦର୍ଶାଯାଇଛି, ଉକ୍ତ ମଶାତେଲ ଅତ୍ୟନ୍ତ ନିମ୍ନମାନର ହୋଇଥିବାବେଳେ ଏହାର ନମୁନା ପରୀକ୍ଷଣ ସରକାରୀ ଲାବ୍‌ରେ କରାଯାଇନାହିଁ। ଉକ୍ତ ତେଲ ଲାର୍ଭା ମାରିବା ପାଇଁ ସମର୍ଥ ହେଉନାହିଁ। ଏହି ଦୁର୍ନୀତିରେ ସିଏମ୍‌ସିର ଅନେକ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବାରୁ ଭିଜିଲାନ୍ସ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଲୋକଲୋଚନକୁ ଆସିପାରିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

### ଶିବିରରେ ୧୨୭ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**କଟକ ଅଫିସ,୨୯।୧୦:** କଟକ କଲେଜ ଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରୋଟ୍ରାକ୍ଟ କ୍ଲବ୍ ଗୋଲଡେନ୍ ଷ୍ଟାର ପକ୍ଷରୁ କର୍କଟ ରୋଗ ସମ୍ପର୍କିତ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୭ ଜଣ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡା. କ୍ଷିତୀଶ ଚନ୍ଦ୍ର ମିଶ୍ର, ଡା. ପ୍ରଜ୍ଞା ମିଶ୍ର, ସ୍ୱାଗତିକା ଆଚାର୍ଯ୍ୟ, ମନୀଷା ପଣ୍ଡା, ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ସୌମ୍ୟରଞ୍ଜନ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ଦାଶ, ଆଚାର୍ଯ୍ୟା ମମତା ବେହେରା ଓ ସବିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ୨ ବଖରା ଜଳିଗଲା

**ନିଶ୍ଚିନ୍ତକୋଇଲି,୨୯।୧୦(ସ୍ୱ.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ କେରିଲୋ ପଞ୍ଚାୟତର ହାଣ୍ଡିଭଙ୍ଗା ଗ୍ରାମରେ ଶୁକ୍ରବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ପ୍ରଭାସ ନାୟକଙ୍କ ୨ ବଖରା ଜଳିଯାଇଛି। ଏଥିରେ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଛି। ରୋଷେଇ ଘରୁ ହଠାତ୍ ନିଆଁ ଲାଗି ଅନ୍ୟଆଡେ ବ୍ୟାପି ଯାଇଥିଲା। ନିଶ୍ଚିନ୍ତକୋଇଲି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଚୋରା ମଦ, ଗଞ୍ଜେଇ ଜବତ: ୪ ଗିରଫ

**ବାଙ୍କୀ,୨୯।୧୦(ସ୍ୱ.ପ୍ର.):** ବାଙ୍କୀ ଅବକାରୀ ଅଧିକାରୀ ତେଲେସ୍ୱର ଲାକ୍ରାଙ୍କ ନେତୃତ୍ୱରେ ଗୁରୁବାର ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୩୫ ଲିଟର ଚୋରାମଦ ଓ ୧୬ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏହି ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ବିମ୍ବାଧର ସାହୁ, ଅରବିନ୍ଦ ମଙ୍ଗୁଆଳ ଓ ଡମ୍ବରୁ ମଙ୍ଗୁଆଳଙ୍କ ନିକଟରୁ ଯଥାକ୍ରମେ ୧୨୦, ୬୦ ଓ ୫୫ ଲିଟର ଚୋରା ମଦ ଜବତ କରାଯାଇଛି। ସେହିପରି ବାଙ୍କୀ ବ୍ଲକ ବ୍ରହ୍ମପୁରା ଗ୍ରାମର ଦୁର୍ଗାପ୍ରସାଦ ବେହେରାଙ୍କଠାରୁ ୧୬.୧ କିଲୋ ଗଞ୍ଜେଇ ଜବତ କରାଯାଇଛି।

# ୪୫ ପାଣିପମ୍ପ ଅଚଳ, ଚାଷ ବାଧାପ୍ରାପ୍ତ

## ଚିନ୍ତାରେ ଚାଷୀ

**କଟକ ସଦର, ୨୯।୧୦(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ ୪୨ ମୌଜା ଅଞ୍ଚଳରେ ୪୫ଟି ପାଣିପମ୍ପ ଅଚଳ ହୋଇପଡ଼ିଛି। ଫଳରେ ଏହା ଉପରେ ନିର୍ଭର କରି ଚାଷ କରୁଥିବା ଅଧିକାଂଶ ଚାଷୀ ହତାଶ ହୋଇପଡିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳରେ ଚାଷ ପାଇଁ ଉଠା ଜଳସେଚନ ନିଗମ ପକ୍ଷରୁ ୧୯୬୨ ମସିହାରେ ଜଳଯୋଗାଣ ବ୍ୟବସ୍ଥା କରାଯାଇଥିଲା। ଏହି ବ୍ୟବସ୍ଥା ମାଧ୍ୟମରେ ବିଭିନ୍ନ ସ୍ଥାନରେ ୯୬ଟି ପାଣିପମ୍ପ ଚାଲୁ ହେବାରୁ ଚାଷୀମାନେ ଆଗ୍ରହ ପ୍ରକାଶ କରି ରବି ଓ ଖରିଫ ଫସଲ କରିଥିଲେ। ହେଲେ ଏବେ ବିଦ୍ୟୁତ୍ ଦର ବୃଦ୍ଧି ପାଇଥିବାରୁ ଚାଷୀମାନେ ଜଳକର ଦେଇପାରୁନାହାନ୍ତି। ଏଥିଯୋଗୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ବହୁଦିନ ଧରି ନ ଚାଲିବା ଯୋଗୁ ୪୫ଟି ପାଣିପମ୍ପ ଅଚଳ ହୋଇପଡିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ରବି ଫସଲ ବାଧାପ୍ରାପ୍ତ ହୋଇଛି। କେତେଜଣ ଚାଷୀ ନିଜ ନଳକୂପରୁ ପାଣି ମଡ଼ାଇ ଅଳ୍ପ ଜମିରେ ଚାଷ କରୁଛନ୍ତି। ଅନ୍ୟପକ୍ଷରେ ଜଳକର ବୃଦ୍ଧି ଯୋଗୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ସମସ୍ତ ଉଠା ଜଳସେଚନ ପଏଣ୍ଟକୁ ସୌରଚାଳିତ କରିବା ପାଇଁ କଟକ ସଦର ଉଠା ଜଳସେଚନ ପାଣି ପଞ୍ଚାୟତ ମହାସଂଘ ଦାବି କରିଛି। ମୋଟ୍ ୧୨୦୦ ହେକ୍ଟର ଚାଷଜମିରୁ ୨୦୦ ହେକ୍ଟରରେ ଧାନ ସମେତ ବିଭିନ୍ନ ଫସଲ ଏବେ କରାଯାଉଛି। ତୁରନ୍ତ ବକେୟା ବିଦ୍ୟୁତ୍ ବିଲ୍ ଛାଡ଼ କରିବା ସହ ଅତିକମ୍‌ରେ ୧୫ଟି ପାଣିପମ୍ପକୁ ପରୀକ୍ଷାମୂଳକ ଭାବେ ସୌରଚାଳିତ କରିବା ପାଇଁ ମହାସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି।

### ଏମାନେ କ'ଣ କୁହନ୍ତି...

"୪୨ ମୌଜା ଅଞ୍ଚଳରେ ଚାଷୀଙ୍କ ପାଇଁ ବିଦ୍ୟୁତ୍ ବିଲ୍ ଛାଡ ନ କରାଯିବା ପର୍ଯ୍ୟନ୍ତ ଉଠା ଜଳସେଚନ ପଏଣ୍ଟ ଚାଲିବା ସମ୍ଭବ ନୁହେଁ।

**ଅଶୋକ ମହାନ୍ତି, ସଭାପତି, କଟକ ସଦର ଉଠା ଜଳସେଚନ ପାଣି ପଞ୍ଚାୟତ ମହାସଂଘ**

"୪୨ ମୌଜା ଉଠା ଜଳସେଚନ ବ୍ୟବସ୍ଥା ପାଇଁ ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କଲେ ଚାଷୀମାନେ ଉପକୃତ ହୋଇପାରିବେ।

**ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ଚାଷୀ, ଏରଞ୍ଚ ଗ୍ରାମ**

"ବିଦ୍ୟୁତ୍ ବିଲ୍‌ରେ ତ୍ରୁଟି ରହିଛି। ଏହାକୁ ସଂଶୋଧନ କରାଯିବା ସହ ଏ ବାବଦ ଅର୍ଥ ରାଜ୍ୟ ସରକାର ପଇଠ କରିବା ଦରକାର।

**ସନ୍ତୋଷ ପତି, ସମ୍ପାଦକ, ପାଣି ପଞ୍ଚାୟତ ମହାସଂଘ**

"ଉଠା ଜଳସେଚନ ପଏଣ୍ଟଗୁଡ଼ିକୁ ପାଣି ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ସେମାନେ ନିଜ ଉଦ୍ୟମରେ ପାଣିପମ୍ପଗୁଡିକ ସଚଳ କରିବା ସହ ବିଦ୍ୟୁତ୍ ବିଲ୍ ପଇଠ କରିବେ।

**ଭାଗୀରଥି ମିଶ୍ର, କନିଷ୍ଠଯନ୍ତ୍ରୀ, ଉଠା ଜଳସେଚନ, କଟକ**



ନାଟ୍ୟକାର ଯୁଗ ପ୍ରକାଶ କାନୁନ୍‌ଗୋଙ୍କ ସ୍ମୃତି ଉଦ୍ଦେଶ୍ୟରେ କଟକ ଅନ୍ନପୂର୍ଣ୍ଣା ଥିଏଟରଠାରେ ଶୁକ୍ରବାର ଥିଏଟର ବି ଗ୍ରୁପ କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'କାହାଣୀ ଏକ ଯୁଗର'ର ଏକ ଦୃଶ୍ୟ।

## 'କେଶରପୁର ପୋଲ ପାଖରୁ ବକ୍ସଡ୍ରେନ ନିର୍ମାଣ କର'

### ଟ୍ରାଫିକ ପରିଚାଳନା କମିଟି ବୈଠକ

**କଟକ ଅଫିସ,୨୯।୧୦**

ପୋଲିସ କମିଶନରଙ୍କ କ୍ୟାମ୍ପ କାର୍ଯ୍ୟାଳୟ ସଭାଗୃହରେ ସହରର ୮୮ତମ ଟ୍ରାଫିକ ପରିଚାଳନା କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହରର ଟ୍ରାଫିକ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବରିଷ୍ଠ ନାଗରିକ ମହାସଭାର ସାଧାରଣ ସମ୍ପାଦକ କୃଷ୍ଣମୋହନ ଦାସ ସାମନ୍ତ ଯୋଗଦେଇ ଜାଇକାର ବକ୍ସ ଡ୍ରେନ ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ। ବକ୍ସିବଜାର ରାସ୍ତାର କେଶରପୁର ବକ୍ସଡ୍ରେନ ଅଧାପନ୍ତରିଆ ଭାବେ କାମ କରି ଛାଡି ଦିଆଯାଇଥିବା ଫଟୋ ସହ ଜଣାଇଥିଲେ। ଗୋଟିଏ ସ୍ଥାନରେ ଲୁହା ପ୍ଲେଟ୍ ପୋତି ରାସ୍ତାକୁ ୪ ଫୁଟ କରିଦେଇଥିବାରୁ କାର, ଅଟୋ ଆଦି ଯାନବାହନ ଯିବା ଆସିବାରେ ଅସୁବିଧା ହେଉଛି। ପରେ କମିଶନର ସୌମେନ୍ଦ୍ର ଜାଇକା ଅଧିକାରୀଙ୍କୁ କେଶରପୁର ଆଡୁ ବକ୍ସଡ୍ରେନ କାର୍ଯ୍ୟ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ପରେ ଜାଇକା ଅଧିକାରୀ ଆସନ୍ତା ନଭେମ୍ବର ୧୫ରୁ କାର୍ଯ୍ୟ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଡିସିପି ପ୍ରତୀକ୍ ସିଂ, ସିଏମ୍‌ସି କମିଶନର ଅନନ୍ୟା ଦାସ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ସମନ୍ୱୟ ମେଳା

**ବାଙ୍କୀ,୨୯।୧୦(ସ୍ୱ.ପ୍ର.)**

ବାଙ୍କୀ ଓ ଡମପଡ଼ା ବ୍ଲକର ବ୍ଲକସ୍ତରୀୟ ସମନ୍ୱୟ ମେଳା ଡମପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏନେଇ ଆୟୋଜିତ ବୈଠକରେ ଏଲ୍.ଡି.ଏମ୍ ରାଜେଶ କୁମାର ବେହେରା, ଡିପିଏମ୍ ବିପିନି ରାଉତ, ଡମପଡ଼ା ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପାତ୍ର, ଜିଲା ପରିଷଦ ସଭ୍ୟ ତ୍ରିଲୋଚନ ରାଉତ, ଲିଲି ବେହେରା ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶା ଜୀବିକା ମିଶନ ଶକ୍ତି ଅଧୀନରେ ଥିବା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଋଣ ପ୍ରଦାନରେ ଯେପରି କୌଣସି ଅସୁବିଧା ନ ହେବ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ୧୦୪ ସ୍ୱୟଂସହାୟକ ଗୋଷ୍ଠୀକୁ ୨କୋଟି ୯୫ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା।

## ପଣ୍ଡିତ ଗୋବିନ୍ଦ ରଥଙ୍କ ଜୟନ୍ତୀ ପାଳିତ

**ବାଙ୍କୀ,୨୯।୧୦(ସ୍ୱ.ପ୍ର.)**

ବିଶିଷ୍ଟ ବ୍ୟଙ୍ଗକବି ଓ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଗୋବିନ୍ଦ ରଥଙ୍କ ୧୭୩ତମ ଜୟନ୍ତୀ ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ତରଫରୁ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ପଣ୍ଡିତ ରଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅନୁଷ୍ଠାନର ସଂଯୋଜକ ମନୋଜ ମହାପାତ୍ର, କବି ସୁନୀଲ ମିଶ୍ର, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଶ୍ୱିନୀ



@ ଅଜିତ



@ ପ୍ରେମାଶିଷ୍



@ ଯଶୋଦା



@ କାହ୍ନା



@ ରାକେଶ

# ମାଛଗାଁ କେନାଲରେ ୧୫ ଫୁଟ ଘାଇ

- ୧୦ ହେକ୍ଟର ଚାଷ ଜମି ଜଳମଗ୍ନ
- ସହାୟତା ଦାବି କଲେ ଚାଷୀ

**କଟକ ସଦର, ୨୯।୧୦(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜଳସେଚନ ଡିଭିଜନ ଅଧୀନ ମାଛଗାଁ କେନାଲର ପରମହଂସଠାରେ ଗୁରୁବାର ରାତିରେ ପ୍ରାୟ ୧୫ ଫୁଟର ଘାଇ ସୃଷ୍ଟି ହୋଇଛି। ଏଥିଯୋଗୁ ପ୍ରାୟ ୧୦ ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ନଦୀବନ୍ଧ ଦୁର୍ବଳ ଯୋଗୁ ଉକ୍ତ ସ୍ଥାନରେ ଘଳିଆ ପଡି ଘାଇ ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ଚାଷୀମାନେ ଶୁକ୍ରବାର ସକାଳେ ଜାଣିବା ପରେ ଜଳସେଚନ ଡିଭିଜନର ସହକାରୀ ଯନ୍ତ୍ରୀ ସୁବୋଧ ମହାପାତ୍ରଙ୍କୁ ଜଣାଇଥିଲେ। ପରେ ଉକ୍ତ ବିଭାଗର ନିର୍ବାହୀଯନ୍ତ୍ରୀ ପ୍ରତାପ କୁମାର ଶତପଥୀ ଓ ସହକାରୀ ଯନ୍ତ୍ରୀ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଯୋବ୍ରା ଆନିକଟରୁ ଜଳପ୍ରବାହ ବନ୍ଦ କରାଯିବା ପରେ ବାଲି ବସ୍ତା ପକାଇ ଘାଇ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟ ୨ ଦିନ ଲାଗିବ ବୋଲି ମହାପାତ୍ର କହିଛନ୍ତି।

# ରିଲାଏନ୍ସ ଫ୍ରେଶ୍‌ରେ ଚଢ଼ାଉ, ୧୭ ଟ୍ରେ ଅଣ୍ଡା ଜବତ

### ସିନ୍ଥେଟିକ ଅଣ୍ଡା ବିକ୍ରି ଅଭିଯୋଗ

**କଟକ ଅଫିସ,୨୯।୧୦**

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ କନିକା ଛକସ୍ଥିତ ରିଲାଏନ୍ସ ଫ୍ରେଶ୍‌ରେ ଶୁକ୍ରବାର ଚଢାଉ କରାଯାଇଛି। ସେଠାରୁ ୧୭ ଟ୍ରେ ଅଣ୍ଡା ଜବତ କରାଯିବା ସହ ଅଣ୍ଡା ବିକ୍ରି ଉପରେ ରୋକ ଲଗାଯାଇଛି। ସେଠାରେ ସିନ୍ଥେଟିକ ଅଣ୍ଡା ବିକ୍ରି ହେଉଥିବା ଅଭିଯୋଗ ଆସିବା ପରେ ଏହି ଚଢାଉ କରାଯାଇଥିଲା। ସେଠାରୁ ଜଣେ ଗ୍ରାହକ ଅଣ୍ଡା କିଣି ନେବା ପରେ ଘରେ ସିଝାଇଥିଲେ। ମାତ୍ର ଏହା ସାଧାରଣ ଅଣ୍ଡାଠାରୁ ଭିନ୍ନ ଥିଲା। ତାଙ୍କର ସନ୍ଦେହ ହେବାରୁ ଏ ସମ୍ପର୍କରେ ସେ ସିଏମ୍‌ସିକୁ ଜଣାଇଥିଲେ। ପରେ ଉକ୍ତ ସ୍ଥାନରେ ଚଢାଉ କରାଯିବା ସହ ଜବତ ଅଣ୍ଡାର ନମୁନା ଯାଞ୍ଚ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ ବୋଲି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି। ଏହି ଚଢାଉରେ ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାସ ମହାପାତ୍ର ଓ ଏସ୍‌ଆଇ ଭଗବାନ ଲେଙ୍କା ପ୍ରମୁଖ ସାମିଲ ହୋଇଥିଲେ।

## ଭାଜପାର ମିଶ୍ରଣ ପର୍ବ

**ବାଙ୍କୀ,୨୯।୧୦(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ଅନ୍ତର୍ଗତ ଅନୁଆରୀ ଗ୍ରାମର ମହାବେରଣା ଠାକୁରାଣୀଙ୍କ ପୀଠରେ ଶୁକ୍ରବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଉଦୟନାଥ ଦାଶ, ଶ୍ରୀଧର ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀ ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ।

# ବିପର୍ଯ୍ୟୟ ବେଳେ ଜିରୋ କାଜୁଆଲ୍‌ଟିକୁ ଗୁରୁତ୍ୱ

**କଟକ ଅଫିସ, ୨୯।୧୦**

ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ପୂର୍ଣ୍ଣଚନ୍ଦ୍ର ମିଶ୍ର ଯୋଗଦେଇ କହିଥିଲେ, ବିପର୍ଯ୍ୟୟ ସମୟରେ ଜିରୋ କାଜୁଆଲ୍‌ଟିକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ସେହିପରି ଉଦ୍ଧାର ଓ ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ ସହ ଲୋକମାନଙ୍କ ମଧ୍ୟରେ ପରିବେଶ ସୁରକ୍ଷା, ବିପର୍ଯ୍ୟୟ ପ୍ରସ୍ତୁତି ସମ୍ବନ୍ଧିତ ସଚେତନତା ସୃଷ୍ଟି କରାଯାଉଛି ବୋଲି ସେ କହିଥିଲେ। ଏହି ସଭାରେ କଟକ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ବାଙ୍କୀ ଉପଜିଲାପାଳ ରଞ୍ଜନ ଜେନା, ଆଠଗଡ଼ ଉପଜିଲାପାଳ ଅଜାମ୍ବର ମହାନ୍ତି, ବିଶ୍ୱଜିତ୍ ସାହୁ, ଡେପୁଟି କଲେକ୍ଟର (ଜରୁରୀ) ଶୁଭାଶିଷ ପାଲଟା, କଲେକ୍ଟରେଟ ଷ୍ଟାଫ କମିଟିର ସଭାପତି ବିଶ୍ୱ ମୋହନ ମହାପାତ୍ରଙ୍କ ସମେତ ସମସ୍ତ ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ଖୋର୍ଦ୍ଧା ଜିଲା ଗୟାବନ୍ଧ ଛକ ନିକଟରେ ଶୁକ୍ରବାର ସକାଳେ ୧୭ଟିକିଆ ହାତୀପଲ ୧୬ନମ୍ବର ଜାତୀୟ ରାଜପଥ ପାର ହେଉଛନ୍ତି।





ନିମାପଡ଼ା ଖାମ୍ଭୁଲାକୁଦ ଛକଠାରେ ରତ୍ନାକର ଦାଶ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥି।





ମମିତା ମେହେର ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି କରି ଓଡ଼ିଶା ନାଗରିକ ମଞ୍ଚ ସମେତ ବିଭିନ୍ନ ଗଣସଙ୍ଗଠନ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଛି।

**ସଂକ୍ଷେପରେ**

## ବିପର୍ଯ୍ୟୟ ମୁକାବିଲା, ପ୍ରସ୍ତୁତି ପାଇଁ ଶପଥ ପାଠ

**ଖୋର୍ଦ୍ଧା ଅଫିସ,୨୯।୧୦:** ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ଉପଲକ୍ଷେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଜିଲାସ୍ତରୀୟ ଅଧିକାରୀ ଏବଂ କର୍ମଚାରୀଙ୍କୁ ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଅନୁଜ ଦାସ ପଟ୍ଟନାୟକଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବିପର୍ଯ୍ୟୟ ପରିଚାଳନା ଦିଗରେ ରାଜ୍ୟ ସରକାର ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ୧୯୯୯ ମହାବାତ୍ୟା ପର ଠାରୁ ବିପର୍ଯ୍ୟୟ ମୁକାବିଲା, ଧନଜୀବନ ସୁରକ୍ଷା, ଉଦ୍ଧାର, ରିଲିଫ କାର୍ଯ୍ୟ ଏବଂ ଲୋକଙ୍କୁ ସଚେତନ ଦିଗରେ ଅନେକ କାର୍ଯ୍ୟ କରିଛନ୍ତି। ଏଥିସହିତ ଜିଲାର ସମସ୍ତ ବ୍ଲକ କାର୍ଯ୍ୟାଳୟରେ ବିପର୍ଯ୍ୟୟ ମୁକାବିଲା ଓ ପ୍ରସ୍ତୁତି ନିମନ୍ତେ ଶପଥପାଠ କରାଯାଇଛି।

## ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ

**ବାଣପୁର,୨୯।୧୦(ଡି.ଏନ୍.ଏ.):** ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଖୋର୍ଦ୍ଧା ପକ୍ଷରୁ ଶୁକ୍ରବାର ବାଣପୁର ବ୍ଲକ ସଭାଗୃହରେ ବ୍ଲକ ସ୍ତରୀୟ ଶିଶୁ ସୁରକ୍ଷା କମିଟି ତଥା ବାଲ୍ୟ ବିବାହ ନିଷେଧ ଟାସ୍କ ଫୋର୍ସର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷା ରଞ୍ଜିତା ସେଠୀ ସଭାପତିତ୍ୱ କରିଥିବା ବେଳେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଯୋଗଦେଇ ଶିଶୁ ସୁରକ୍ଷା କମିଟି, ବାଲ୍ୟ ବିବାହ ନିଷେଧ ଓ ଶିଶୁ ଅଧିକାର ସମ୍ପର୍କରେ ସୂଚନା ଦେଇଥିଲେ। ମଞ୍ଜୁପ୍ରଭା ଧଳ ବାଲ୍ୟ ବିବାହକୁ କିପରି ରୋକାଯାଇପାରିବ ଏହାରି ଉପରେ ସଚେତନତା କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରୋଜୁ ବାଳା ଆଚାର୍ଯ୍ୟ, ଡା.ରମାକାନ୍ତ ନାୟକ, ସନ୍ଧ୍ୟାରାଣୀ ହରିଚନ୍ଦନ, ସରପଞ୍ଚ ଅଜୟ କୁମାର ମହାରଥା ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା ଓ ଅଧିକାର ସମ୍ପର୍କରେ ସଚେତନ କରାଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିୟନ୍‌ର ସାମାଜିକ କର୍ମୀ ରଞ୍ଜନ କୁମାର ଗୋଚ୍ଛାୟତ, ନେହେରୁ ସେବା ସଂଘର ଅଧକ୍ଷ ବୀରେନ୍ଦ୍ର ତ୍ରିପାଠୀ, ଚିନ୍ମୟୀ ସାମନ୍ତରାୟ, ପୁଷ୍ପାଞ୍ଜଳି ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଦୀପାବଳିରେ ମାଟିଦୀପ ଜାଳିବାକୁ ଆହ୍ୱାନ

**ଖୋର୍ଦ୍ଧା ଅଫିସ,୨୯।୧୦:** ରାଜ୍ୟରେ କରୋନା ସଂକ୍ରମଣ ବିପଦ ଟଳିନାହିଁ। ଆଗକୁ ଦୀପାବଳି ରହିଛି। ମାଟିଦୀପରେ ଘରକୁ ସଜାନ୍ତୁ। କରୋନା ସମୟରେ ବାଣ ଫୁଟାଇବା ଦ୍ୱାରା କରୋନା ଅଧିକ ସଂକ୍ରମିତ ହେବା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି। ବାଣ ଶବ୍ଦରେ ପରିବେଶ ପ୍ରଦୂଷିତ ହୋଇଥାଏ। ଏହା ପରିବର୍ତ୍ତେ ଆଲୋକର ପର୍ବକୁ ନିଜ ପରିବାର ସହିତ ଆନନ୍ଦରେ ପାଳନ କରନ୍ତୁ ବୋଲି ସାମାଜିକ ଅନୁଷ୍ଠାନ ପ୍ରେରଣା ପକ୍ଷରୁ ସ୍ଥାନୀୟ ବାଟମଙ୍ଗଳା ମନ୍ଦିର ପରିସରରେ ଆୟୋଜିତ ସଭାରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ଅନୁଷ୍ଠାନ ସଭାପତି ଡ.ଦିଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ସୁରେଶ କୁମାର ରାଉତରାୟ, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, କଂଗ୍ରେସ ନେତା ଶିଶିର ପରିଡା, ଶିକ୍ଷାବିତ୍ ଗୋପାଳ କୃଷ୍ଣ ଦାସ, ଆଇନଜୀବୀ ବିଚିତ୍ର ବଡଜେନା, ରମଜାନ ଖାଁ, ମହମ୍ମଦ କେଫାତୁଲ୍ଲା ଶାହାଜାହାନ ଖାଁଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ସାମାଜିକ କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ମାଟି ଦୀପ ଜାଳି ଶୋଭାଯାତ୍ରାରେ ବାହାରି ସଚେତନ କରିଥିଲେ। ଏଥିସହ ପରିବେଶ ସନ୍ତୁଳନ ଲାଗି ଚାରାରୋପଣ କରାଯାଇଥିଲା।

# ଭିଜିଲାନ୍ସ ହାତରେ ପ୍ରସନ୍ନଙ୍କ ଗୁପ୍ତ ଡାଏରି

**ରିମାଣ୍ଡରେ ଆସିପାରନ୍ତି କୋଟିପତି କନଷ୍ଟେବଲ**

■କଳ୍ପନାସ୍ଥିତ ଘରୁ ମିଳିଥିବା ସୂଚନା
■ସମ୍ପତ୍ତି ପରିମାଣ ଆଜି ସ୍ପଷ୍ଟ ହେବ

**ଭୁବନେଶ୍ୱର,୨୯।୧୦(ବ୍ୟୁରୋ)**

ବହୁ ଚର୍ଚ୍ଚିତ ମନୀଷ ଅନୁରାଗ ଦାସ ହତ୍ୟା ମାମଲା ପରେ ବିବାଦ ଘେରକୁ ଆସି ଜେଲରେ ଥିବା ବହିଷ୍କୃତ କନଷ୍ଟେବଲ ପ୍ରସନ୍ନ ବେହେରା ଏବେ ଭିଜିଲାନ୍ସ ଜାଲରେ। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଗୁରୁବାର ଭିଜିଲାନ୍ସ ଟିମ୍ ତାଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରାୟ ୧୯ ଘଣ୍ଟାର ଯାଞ୍ଚବେଳେ ପ୍ରସନ୍ନଙ୍କ ବହୁ କୋଟିର ସମ୍ପତ୍ତି ମିଳିଥିଲା। ତେବେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ତାଙ୍କର ମୋଟ ସମ୍ପତ୍ତି ସମ୍ପର୍କରେ ସ୍ପଷ୍ଟ କରାଯାଇ ନ ଥିବାବେଳେ ଭିଜିଲାନ୍ସ ନିର୍ଦ୍ଦେଶକ ଯଶ୍ୱବନ୍ତ ଜେଠ୍ୱା କହିଛନ୍ତି, ପ୍ରସନ୍ନଙ୍କ ସମ୍ପତ୍ତିର ହିସାବ ଚାଲିଛି। ମୋଟ ସମ୍ପତ୍ତି ଓ ଆୟବହିର୍ଭୂତ ସମ୍ପତ୍ତି କେତେ ସେସମ୍ପର୍କରେ ଶନିବାର ସୂଚନା ଦିଆଯିବ। ଏଠାରେ ପ୍ରଶ୍ନ ଉଠୁଛି, ପ୍ରସନ୍ନ ଜଣେ କନଷ୍ଟେବଲ ହୋଇ ଏତେ ବିପୁଳ ସମ୍ପତ୍ତିର ମାଲିକ ହେଲେ କିପରି। ଭିଜିଲାନ୍ସ ଅଧିକାରୀମାନେ ମଧ୍ୟ ତାଙ୍କ ସମ୍ପତ୍ତିକୁ ଦେଖି ଆଶ୍ଚର୍ଯ୍ୟଚକିତ ହୋଇଯାଇଛନ୍ତି। ପ୍ରସନ୍ନ ଜେଲରେ ଥିବାରୁ ଭିଜିଲାନ୍ସ ତାଙ୍କୁ ରିମାଣ୍ଡରେ ଆଣି ଅମାପ ସମ୍ପତ୍ତି ଠୁଳର ଖିଅ ଖୋଜିବାକୁ ଚେଷ୍ଟା କରିପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ କଳ୍ପନାସ୍ଥିତ ସରକାରୀ ବାସଭବନରେ ଚଢାଉ ସମୟରେ ଭିଜିଲାନ୍ସ ପ୍ରସନ୍ନଙ୍କ ହାତ ଲେଖା ଡାଏରୀ ପାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। କୁହାଯାଉଛି, ପ୍ରସନ୍ନ ନିଜର ବ୍ୟକ୍ତିଗତ ଲେଖା, କାହାକୁ କେତେ ଉପହାର ସ୍ୱରୂପ ଫର୍ନିଚର ଦେଇଥିଲେ ତାହା ଏଥିରେ ଲେଖା ରହିଛି। ଏହାକୁ ଗୁପ୍ତ ଡାଏରୀ କୁହାଯାଉଥିବାବେଳେ ପ୍ରସନ୍ନଙ୍କ କଳାକାରନାମା ଓ ବିପୁଳ ସମ୍ପତ୍ତିର ଗୁମର ଖୋଲିପାରେ ବୋଲି ଭିଜିଲାନ୍ସ ଆଶା ରଖିଛି।

କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସ ଟିମ୍ ଶନିବାର ସକାଳେ ପ୍ରସନ୍ନଙ୍କ କଳ୍ପନାସ୍ଥିତ ସରକାରୀ ବାସଭବନ, ଖୋର୍ଦ୍ଧା ନୂଆପଡ଼ାରେ ଥିବା ପୈତୃକ ଘର, ଲିଙ୍ଗିପୁରସ୍ଥିତ ଫର୍ନିଚର ୱାର୍କଶପ୍, ତମାଣ୍ଡୋ ଥାନା ଡୁମୁଡୁମାସ୍ଥିତ ସ୍ୱାର୍କ ଫର୍ନିଚର୍ ଓ ସାଉଥ୍‌ସିଟି ବାର୍‌ରେ ଚଢ଼ାଉ କରିଥିଲା। ଏଥିସହ ପ୍ରସନ୍ନଙ୍କ ନାମରେ ଏକ ମାମଲା(ନ.୯/୨୧) ରୁଜୁ କରିଛି। ତେବେ ଭିଜିଲାନ୍ସ ଠାବ କରିଥିବା ସମ୍ପତ୍ତି ମଧ୍ୟରେ ଡୁମୁଡୁମାରେ ଥିବା ସ୍ୱାର୍କ ଫର୍ନିଚର ଶୋ'ରୁମ୍ ୨୫ ଏକର ଜାଗାରେ ରହିଛି। ଏହି ପ୍ଲଟ୍‌କୁ ୨୦୧୯ରେ ୧କୋଟି ୪୬ ଲକ୍ଷ ୬୦ ହଜାର ଟଙ୍କାରେ ପ୍ରସନ୍ନ କିଣିଥିଲେ। ଉକ୍ତ ଶୋ'ରୁମ୍ କୋଠା ୧୮ ହଜାର ବର୍ଗଫୁଟ୍ ଜାଗାରେ ନିର୍ମିତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କା ହେବ। ସେହିପରି ୪୫ ଲକ୍ଷ ଟଙ୍କାରେ ଖୋର୍ଦ୍ଧା ନୂଆପଡ଼ାରେ ଫ୍ଲାଟ୍, ସୁନ୍ଦରପଦାରେ ତାଙ୍କ ପୁତୁରାଙ୍କ ନାମରେ ୨୪ ଲକ୍ଷ ଟଙ୍କାର ଫ୍ଲାଟ୍, ପ୍ରସନ୍ନଙ୍କ ନାମରେ ୫୦ ଲକ୍ଷ ଟଙ୍କାର ବୀମା ରସିଦ୍, ୪ଟି ଚାରିଚକିଆ ଗାଡ଼ି, ଦୁଇଟି ବାଇକ୍, ୨୧ ପାସ୍ ବୁକ୍ ରହିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷ ହତ୍ୟା ମାମଲାରେ ଛନ୍ଦି ହୋଇ ପ୍ରସନ୍ନ ତଦନ୍ତ ପରିସରଭୁକ୍ତ ହୋଇଥିଲେ। ତମାଣ୍ଡୋ ଥାନା ପାତ୍ରପଡ଼ା ଅଞ୍ଚଳରେ ଥିବା ହୋଟେଲ ସାଉଥ୍‌ସିଟିର ବାର୍‌କୁ ଭାଇଙ୍କ ନାଁରେ ଲିଜ୍‌ରେ ନେଇଥିଲେ। ବିନା ଲାଇସେନ୍ସରେ କୋଭିଡ୍ ନିୟମ ଉଲ୍ଲଂଘନ କରି ବିଳମ୍ବିତ ରାତି ଯାଏ ସେଠାରେ ମଦ ଆସର ସହ ନାଚଗୀତ ଆୟୋଜନ କରୁଥିଲେ। ସେ ଭୁବନେଶ୍ୱର ହାବିଲ୍‌ଦାର ଓ କନଷ୍ଟେବଲ ସଂଘ ସମ୍ପାଦକ ଥିବାରୁ ନିୟମକୁ ଖାତିର କରୁ ନ ଥିଲେ। ଏଥିସହ ପୂର୍ବରୁ ତାଙ୍କ ବିରୋଧରେ ୮ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଓ ୫ ଆପରାଧିକ ମାମଲା ମଧ୍ୟ ରହିଥିଲା। ସମସ୍ତ ପ୍ରମାଣ ମିଳିବା ପରେ ଡିସିପି ତାଙ୍କୁ ଗତ ୨୨ ତାରିଖରେ ନିଲମ୍ବିତ କରିଥିଲେ। ୨୩ ତାରିଖରେ ତାଙ୍କୁ ଗିରଫ କରାଯିବାପରେ ୨୪ରେ ଚାକିରିରୁ ବହିଷ୍କାର କରାଯାଇଥିଲା।


ନାଟ୍ୟକାର ଯୁଗ ପ୍ରକାଶ କାନୁନ୍‌ଗୋଙ୍କ ସ୍ମୃତି ଉଦ୍ଦେଶ୍ୟରେ କଟକ ଅନ୍ନପୂର୍ଣ୍ଣା ଥିଏଟରଠାରେ ଶୁକ୍ରବାର ଥିଏଟର ବି ଗ୍ରୁପ କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'କାହାଣୀ ଏକ ଯୁଗର'ର ଏକ ଦୃଶ୍ୟ।

## ମଲ୍ଟି ଡିସିପ୍ଲିନାରି ଟ୍ରେନିଂ ସେଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ

**ଜଟଣୀ,୨୯।୧୦(ଡି.ଏନ୍.ଏ.)**

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳମଣ୍ଡଳ, ଜଟଣୀ ପକ୍ଷରୁ ଶୁକ୍ରବାର ଏକ ମଲ୍ଟି ଡିସିପ୍ଲିନାରି ଟ୍ରେନିଂ ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ସ୍ଥାନୀୟ ଲୋକ କଲୋନୀ ଅଞ୍ଚଳରେ ୧୬ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥ ଜେନେରାଲ ମ୍ୟାନେଜର ବିଦ୍ୟା ଭୂଷଣ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମଲ୍ଟି ଡିସିପ୍ଲିନାରୀ ଟ୍ରେନିଂ ସେଣ୍ଟରରେ ପ୍ରଶାସନିକ ବ୍ଲକ କମ ଟ୍ରେନିଂ ସେଣ୍ଟର, ମହିଳା ଏବଂ ପୁରୁଷ ହଷ୍ଟେଲ, ପ୍ରେକ୍ଷାଳୟ, ହେଲଥ ୟୁନିଟ ସହିତ ଖେଳକୁଦ ନିମନ୍ତେ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ରହିବ।

## ଭାଜପାର ମିଶ୍ରଣ ପର୍ବ

**ବାଣପୁର,୨୯।୧୦(ଡି.ଏନ୍.ଏ.)**

ବାଣପୁର ଶହୀଦ କୃତିବାସ ଭବନଠାରେ ଭାଜପା ନଗର ମଣ୍ଡଳ ସଭାପତି ଭଗବାନ ପ୍ରଧାନଙ୍କ ସଭାପତିତ୍ୱରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ଖୋର୍ଦ୍ଧା ଜିଲା ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ଜିଲା କାର୍ଯ୍ୟକାରିଣୀ ସଭ୍ୟ ନନ୍ଦକିଶୋର ମିଶ୍ର, ଭାସ୍କର ନାୟକ, ରାଜଶ୍ରୀ ଦାସ, ବାମନ ଦାସ, ସୁକାନ୍ତ ସାହୁ ପ୍ରମୁଖ ଯୋଗଦେଇ ଶପଥ ନେଇଥିଲେ। ଅନୁଷ୍ଠିତ ମିଶ୍ରଣ ପର୍ବରେ ବାଣପୁରର ଯୁବ ସଂଗଠକ ଅମିତାଭ ପଟ୍ଟଯୋଷି ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନେଇ ଭାଜପାରେ ସାମିଲ ହୋଇଛନ୍ତି।

# ଦାବି ପୂରଣ ନ ହେଲେ ଜଳଯୋଗାଣ ବନ୍ଦ

**ବେଗୁନିଆ,୨୯।୧୦(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଅନ୍ତର୍ଗତ ଅଟ୍ରି ସ୍ଥିତ ବାବା ହଟ୍ଟକେଶ୍ୱର ଦେବଙ୍କ ପୀଠ ପରିସରରେ ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଜିତେନ୍ଦ୍ର କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଖୋର୍ଦ୍ଧା ଜିଲାର ୧୦ଟି ବ୍ଲକର ସଭାପତି ଓ ସମ୍ପାଦକମାନେ ଯୋଗ ଦେଇଥିଲେ। ସରକାର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅସୁବିଧା ବୁଝୁଥିବା ବେଳେ ଏ ପର୍ଯ୍ୟନ୍ତ ହାତ କାରିଗର ଓ ପମ୍ପ ଚାଳକଙ୍କ ଦୁଃଖ ବୁଝିଲେ ନାହିଁ। ସ୍ୱାବଲମ୍ବୀ କାରିଗର(ଏସ୍‌ଇଏମ୍)ପଦ ଉଚ୍ଛେଦ, ସମାନ କାମକୁ ସମାନ ଦରମା, ଦରମା ବୃଦ୍ଧି ଆଦି ବିଭିନ୍ନ ଦାବି ପୂରଣ ନେଇ ବାରମ୍ବାର ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏଥିସହ ମଧ୍ୟ ରାଜ୍ୟ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜି ଠାରେ ଆନ୍ଦୋଳନ ଜାରି ରହିଛି। ଯଦି ଆସନ୍ତା ଏକ ସପ୍ତାହ ମଧ୍ୟରେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯାଏ ତେବେ କାର୍ଯ୍ୟରେ ଯୋଗ ନ ଦେଇ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଜଳଯୋଗାଣ ବନ୍ଦ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏଥିଲାଗି ସଂଘ ଦାୟୀ ରହିବ ନାହିଁ ବୋଲି ଜନସାଧାରଣଙ୍କୁ ୨୦ ହଜାରରୁ ଉର୍ଦ୍ଧ୍ୱ ପମ୍ପ କର୍ମଚାରୀ ନିବେଦନ କରିଛନ୍ତି।

# ରାଜପଥରେ ହାତୀପଲ, ପଥଚାରୀ ଭୟଭୀତ

**ନିରାକାରପୁର,୨୯।୧୦(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ଲାଗିରହିଛି। ଶୁକ୍ରବାର ସକାଳେ ଗୟାବନ୍ଧ ଛକ ନିକଟ କଞ୍ଚିଲ ଗହୀରରୁ ୧୭ଟିକିଆ ହାତୀପଲ ୧୬ନମ୍ବର ଜାତୀୟ ରାଜପଥ ପାର ହୋଇ ଗୟାବନ୍ଧ କାଜୁ ଜଙ୍ଗଲରେ ରହିଥିବା ଜଣାପଡ଼ିଛି। ଏହି ହାତୀପଲ ରାସ୍ତା ଅତିକ୍ରମ କରୁଥିବା ଦେଖି ଉଭୟ ପାର୍ଶ୍ୱରେ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। କେତେଜଣ ଚାଳକ ଭୟରେ ଗାଡ଼ି ବୁଲାଇ ପଳାଇଥିବା ଦେଖିବାକୁ ମିଳିଥିଲା। ହାତୀପଲ ରାସ୍ତା ପାର ହୋଇ ଜଙ୍ଗଲକୁ ପଳାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହି ହାତୀପଲ ଗୁରୁବାର ରାତି ପ୍ରାୟ ୧୨ଟା ୩୦ରେ ଗୟାବନ୍ଧ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ କଞ୍ଚିଲ ଧାନ ବିଲକୁ ଯାଇଥିଲେ। ସକାଳ ହୋଇଯିବାରୁ ପୁଣି ଗୟାବନ୍ଧ ଜଙ୍ଗଲକୁ ଫେରିଆସିଥିଲେ ବୋଲି ଜଙ୍କିଆର ପୂର୍ବତନ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ନରେନ୍ଦ୍ର କହିଛନ୍ତି।

ପ୍ରକାଶ ଯେ, ଚନ୍ଦକା ଓ ଅନ୍ୟ ଜଙ୍ଗଲରୁ ଖସି ଆସିଥିବା ହାତୀପଲ ଖୋର୍ଦ୍ଧା ବନଖଣ୍ଡ ଅଧୀନ ଓଳସିଂହ, ଡମଣଭୂଇଁ, ଗୟାବନ୍ଧ, ମୋଟା, ଗୋଳବାଇ, ରାମେଶ୍ୱର, ଖଜୁରିପଡ଼ା, ନାରଗୋଦା, ନାଳସିଂହ, କାଶୀପୁର, କମାଗୁରୁ, ଭୂଷଣ୍ଡପୁର ଆଦି ଜଙ୍ଗଲରେ ରହୁଛନ୍ତି। ସନ୍ଧ୍ୟାହେଲେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଏଥିସହ ଘର ଭାଙ୍ଗିଦେଉଥିବା ନଜିର ରହିଛି। ଅନେକ ସମୟରେ ହାତୀ ହାବୁଡ଼ରେ ପଡି ଚାଷୀମାନେ ଗୁରୁତର ହେଉଛନ୍ତି। ବନବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ ହାତୀ ଘଉଡ଼ାଇବା ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଭୂଷଣ୍ଡପୁର ଫରେଷ୍ଟର ସିନ୍ଧୁ ଚରଣ ସିଂ କହିଛନ୍ତି, ଏହି ଅଞ୍ଚଳରେ ପୂର୍ବରୁ ୮ ହାତୀ ରହିଥିଲେ। କିଛିଦିନ ତଳେ ୧୫ଟିକିଆ ହାତୀପଲ ଆସିଛନ୍ତି। ପୁଣି ଆଉ ୨ ହାତୀ ଆସିଥିବାରୁ ଏମାନଙ୍କ ସଂଖ୍ୟା ୨୫ରେ ପହଞ୍ଚିଛି। ସେଥିରୁ ଗୟାବନ୍ଧରେ ୧୭ ହାତୀ ରହିଛନ୍ତି। ହାତୀଙ୍କ ଗତିବିଧି ଉପରେ ନଜର ରଖାଯିବା ସହ ଘଉଡ଼ାଇବା ପାଇଁ ଚେଷ୍ଟା ଜାରି ରହିଛି ବୋଲି ସେ କହିଛନ୍ତି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ଅଶ୍ୱିନୀ


@ ଅଜିତ


@ ପ୍ରେମାଶିଷ୍


@ ଯଶୋଦା


@ କାହ୍ନା


@ ରାକେଶ

# ରେଳ ଲାଇନ ପାଇଁ ୧୦୦ଏକର ଜମି ପଡ଼ିଆ

**ବୋଲଗଡ଼,୨୯।୧୦(ଡି.ଏନ୍.ଏ.)**

ପୂର୍ବତଟ ରେଲୱେ ଅଧୀନ ଖୋର୍ଦ୍ଧା–ବଲାଙ୍ଗୀର ରେଳପଥର ରେଳରାସ୍ତା ବୋଲଗଡ଼ ବ୍ଲକ ଅଞ୍ଚଳର ବୋଲଗଡ଼, ଡାବରଧୁଆ ଓ ଶିଆଳିଆପଲ୍ଲୀ ମୌଜାରେ ଥିବା ଜମିର ପତନ ଠାରୁ ପ୍ରାୟ ୧୦ଫୁଟ୍ ତଳେ ଯାଇଛି। ଫଳରେ ରେଳପଥର ଦକ୍ଷିଣପାର୍ଶ୍ୱରେ ରହିଥିବା ପାହାଡରୁ ଆସୁଥିବା ପାଣି ଜମିରେ ନ ରହି ରେଳରାସ୍ତା ପାର୍ଶ୍ୱରେ ଥିବା ଡ୍ରେନକୁ ବୋହି ଯାଉଛି। ଫଳରେ ଦୀର୍ଘ ୧୦ବର୍ଷ ହେବ ଏହି ମୌଜାରେ ଥିବା ପ୍ରାୟ ୧୦୦ଏକର ପରିମିତ ଜମିରେ ଧାନ ଏବଂ ରବି ଫସଲ ହୋଇପାରୁନାହିଁ। ଏନେଇ ବାରମ୍ବାର ପୂର୍ବତଟ ରେଲ୍‌ୱେ ଅଧିକାରୀଙ୍କୁ ଜଣାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏକ ମାସ ମଧ୍ୟରେ ପୂର୍ବତଟ ରେଲୱେ ପକ୍ଷରୁ ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆ ନ ଗଲେ ଆସନ୍ତା ୧ ତାରିଖରେ ବୋଲଗଡ଼ ପାସେଞ୍ଜର ହଲ୍ଟ (ରହଣୀ) ଠାରେ ଟ୍ରେନ ଅଟକାଯିବ ବୋଲି କୃଷ୍ଣମୋହନ ପାଲଟାସିଂହ, ରବୀନ୍ଦ୍ର ପରିଡା, ବୀର ବଳିୟାରସିଂହ, ମନୁ ଦାସ, ଲଲାଟେନ୍ଦୁ କେଶରୀ ସିଂହ, ବୀର ଦାସ, ଡାବରଧୁଆପାଟଣା ଗ୍ରାମର ଦାସରଥି ମହାପାତ୍ର, ଶରତ ପରିଜା, ବସନ୍ତ ସାହୁ, ବିଜୟ ସେଠୀ ପ୍ରମୁଖ ବୋଲଗଡ଼ ଅଞ୍ଚଳର ଚାଷୀଙ୍କ ପକ୍ଷରୁ ଚେତାବନୀ ଦେଇଛନ୍ତି।


ଖୋର୍ଦ୍ଧା ଜିଲା ଗୟାବନ୍ଧ ଛକ ନିକଟରେ ଶୁକ୍ରବାର ସକାଳେ ୧୭ଟିକିଆ ହାତୀପଲ ୧୬ନମ୍ବର ଜାତୀୟ ରାଜପଥ ପାର ହେଉଛନ୍ତି।



ନିମାପଡ଼ା ଝାମ୍ପୁଲାକୁଦ ଛକଠାରେ ରତ୍ନାକର ଦାଶ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥି।



ମମିତା ମେହେର ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି କରି ଓଡ଼ିଶା ନାଗରିକ ମଞ୍ଚ ସମେତ ବିଭିନ୍ନ ଗଣସଙ୍ଗଠନ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଛି।

## ରେଳ ଷ୍ଟେଶନରୁ ନାବାଳକ ଉଦ୍ଧାର

ପୁରୀ ଅଫିସ- ରେଲୱେ ପୋଲିସ ଟ୍ରେନରୁ ଜଣେ ନାବାଳକଙ୍କୁ ଉଦ୍ଧାର କରି ଚାଇଲ୍ଡ ଲାଇନ ମାଧମରେ ପରିବାର ଲୋକଙ୍କୁ ଶୁକ୍ରବାର ହସ୍ତାନ୍ତର କରିଛି। ରେଳବାଇ ପୋଲିସ ଆଇଆଇସି ଅନିଲ ସିଂହଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ଦିନ ୧୦.୪୫ ରେ ପୋଲିସ ପକ୍ଷରୁ ନୀଳାଚଳ ଟ୍ରେନ୍‌ରେ ଚେକିଂ କରୁଥିବା ଜଣେ ୧୬ବର୍ଷର ବାଳକ ବସିଥିଲେ। ନାଁ, ଠିକଣା ପଚାରିବାରେ ନାବାଳକଙ୍କ କଥା ସନ୍ଦେହ ହେବାରୁ ଷ୍ଟେଶନ୍‌ରେ ଥିବା ରେଲୱେ ପୋଷ୍ଟକୁ ସାଥିରେ ଆଣି ଘର ସମ୍ପର୍କରେ ପଚାରିବାରୁ ପୁରୀ ବୋଲି କହିଥିଲେ। କୌଣସି କାରଣରୁ ପରିବାର ଲୋକ ନାବାଳକ ଉପରେ ରାଗିବାରୁ ସେ ଘରୁ ଲୁଚି ଚାଲିଆସିଥିଲା। ପରେ ତାଙ୍କ ଘର ଲୋକଙ୍କୁ ଘଟଣା ସମ୍ପର୍କରେ ପୋଲିସ ଜଣାଇବା ସହ ଚାଇଲ୍ଡ ଲାଇନ ମାଧମରେ ହସ୍ତାନ୍ତର କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୧୦।୨୦୨୧

| | |
|---|---|
| ୮,୨୧,୪୮୫ ଟଙ୍କା | |
| ସୁନା | ୧୨୦ ମିଲି ଗ୍ରାମ |
| ରୁପା | ୧୬.୩୦୦ ଗ୍ରାମ |

# ପ୍ରସ୍ତାବରେ ଅଟକିଛି ଖଜା କ୍ଲଷ୍ଟର

**ପୁରୀ ଅଫିସ,୨୯।୧୦:**

**ଖାଦ୍ୟ ଗୁଣବତ୍ତା ମାନପତ୍ରକୁ ନେଇ ପ୍ରଶ୍ନ**
- ଗ୍ରାହକଙ୍କ ଅସନ୍ତୋଷ ସତ୍ତ୍ୱେ ପ୍ରଶାସନ ନୀରବ
- ଖୁବ୍‌ଶୀଘ୍ର କ୍ଲଷ୍ଟର ଗଠନ: ଡିଆଇସି ଜେନେରାଲ ମ୍ୟାନେଜର

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭୋଗ ଲାଗିହୋଇଥାଏ ପୁରୀର ଖଜା। ଏହାର ସ୍ୱାଦ ଅତି ନିଆରା। ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ସାଧାରଣତଃ ସାଙ୍ଗରେ ଖଜା ଧରି ଫେରିଥାନ୍ତି। ଖଜା ବ୍ୟବସାୟ ପୁରୀରେ ଏକ ବଡ଼ ବ୍ୟବସାୟ ଭାବେ ଜଣାଶୁଣା। ମାତ୍ର ଏବେ ଖଜାର ମାନକୁ ନେଇ ପ୍ରଶ୍ନ ଉଠିଛି। ଖଜାର ମାନ କମୁଥିବା ଅଭିଯୋଗ ଆଣି ଉଭୟ ଗ୍ରାହକ ଓ ବ୍ୟବସାୟୀ ଅସନ୍ତୋଷ ପ୍ରକାଶ କରୁଥିଲେ ମଧ ମାନ ଯାଞ୍ଚ ଲାଗି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ଖଜା ବେପାରୀ ସନ୍ତୋଷ ସ୍ୱାଇଁ କହିଛନ୍ତି, ପୁରୀର କିଛି ହାତଗଣତି ଭାଟିରେ ଖଜା ତିଆରି ହୋଇଥାଏ। ତେବେ କେତେକ ଭାଟିରେ ଅପରିଷ୍କାର ପରିବେଶରେ ଖଜା ପ୍ରସ୍ତୁତ କରାଯାଇଥାଏ। ଯେଉଁଠି ଖଜାର ମାନକୁ ନେଇ ଆମେ ସନ୍ତୁଷ୍ଟ ନୁହେଁ ସେଠାରେ ଗ୍ରାହକଙ୍କ କହିବା କଥା ନ କହିବା ଭଲ। ଖଜା ତିଆରି ପାଇଁ ଅଧିକ ଅର୍ଥ ଆବଶ୍ୟକ ହେଉଥିବାରୁ ଭାଟିରୁ ଖଜା ଆଣିବାକୁ ବାଧ ହେଉଛୁ। ଅନ୍ୟପକ୍ଷରେ ଖାଦ୍ୟ ଗୁଣବତ୍ତା ପ୍ରମାଣପତ୍ର ସାନି ଯାଞ୍ଚ ପାଇଁ ପର୍ଯ୍ୟଟକ ସରୋଜ ସାହୁ ଦାବି କରିଛନ୍ତି। ସେ କହିଛନ୍ତି, ପୁରୀ ବଡ଼ଦାଣ୍ଡରେ ମିଳୁଥିବା ଖଜା ଖାଇବା ଉପଯୋଗୀ ନୁହେଁ। ସମ୍ପୃକ୍ତ ବ୍ୟବସାୟୀମାନଙ୍କୁ କିପରି ଏଫ୍‌ଏସ୍‌ଏସ୍‌ଏଆଇ ମାନପତ୍ର ମିଳିଲା ତାହା ତଦନ୍ତ ପରିସରଭୁକ୍ତ ହେବା ଉଚିତ। ତେବେ ଖଜାର ମାନ ବଜାୟ ରଖିବା ପାଇଁ ଖଜା କ୍ଲଷ୍ଟର ଗଠନ କରାଯିବା ଆବଶ୍ୟକ। ସୂଚନାଯୋଗ୍ୟ, ୬ମାସ ତଳେ ଖଜା କ୍ଲଷ୍ଟର ପ୍ରସ୍ତୁତ କରିବା ନେଇ ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା। ଶିଳ୍ପକେନ୍ଦ୍ରର ଜେନେରାଲ୍ ମ୍ୟାନେଜର ଖଜା ବେପାରୀମାନଙ୍କୁ ଡାକି ବୈଠକ କରି କ୍ଲଷ୍ଟର ଗଠନ ଲାଗି ଆଲୋଚନା କରିଥିଲେ। ତେବେ ତାଙ୍କର ବଦଳି ହୋଇଯିବାରୁ କ୍ଲଷ୍ଟର ଗଠନ ପ୍ରସ୍ତାବ ସେମିତି ପ୍ରସ୍ତାବରେ ସୀମିତ ରହିଛି। ଏ ନେଇ ଜିଲା ଶିଳ୍ପକେନ୍ଦ୍ରର ନୂତନ ଜେନେରାଲ୍ ମ୍ୟାନେଜର ଅମୂଲ୍ୟରତ୍ନ ପଣ୍ଡା କହିଛନ୍ତି, ଖଜା କ୍ଲଷ୍ଟର ଗଠନ ନେଇ ଖୁବ୍‌ଶୀଘ୍ର ପ୍ରକ୍ରିୟା ଆରମ୍ଭ କରାଯିବ। ଅଣୁ କ୍ଷୁଦ୍ର ଉଦ୍ୟୋଗ ଯୋଜନା ଅଧୀନରେ କ୍ଲଷ୍ଟର ବିକଶିତ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହା ଏକ କେନ୍ଦ୍ରୀୟ ଯୋଜନା ଏବଂ ଅନୁଦାନ ଉପରେ ପର୍ଯ୍ୟବସିତ ହୋଇଥିବାରୁ ଜିଲା ଶିଳ୍ପକେନ୍ଦ୍ର ହାତରେ କେବଳ ପରିଚାଳନା ଓ ସଂଯୋଜନା ଦାୟିତ୍ୱ ରହିବ। କ୍ଲଷ୍ଟର ହେବା ଦ୍ୱାରା ଏକକାଳୀନ ଭାବେ ଏକ ବଡ଼ ସ୍ଥାନରେ ଖଜା ପ୍ରସ୍ତୁତ ହେବ। ବ୍ୟବସାୟୀମାନେ ଏଥିରେ ଭାଗୀଦାର ହେବେ ଓ ଖଜାର ମାନ ଠିକ ରହିବ। ବ୍ୟବସାୟୀଙ୍କୁ ଖର୍ଚ୍ଚ କମ୍ ପଡ଼ିବ। ସେହିପରି ପୁରୀ ପୌରପାଳିକାର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅଶୋକ କୁମାର ସେଠ କହିଛନ୍ତି, ପୌର ପାଳିକା ନିୟମିତ ଭାବେ ଖାଦ୍ୟ ନମୁନା ସଂଗ୍ରହ କରେ ଓ ତାହାକୁ ଲ୍ୟାବକୁ ପଠାଯାଏ। ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଥିବା ପରୀକ୍ଷଣରୁ ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯାଏ। କୌଣସି ନିର୍ଦ୍ଦିଷ୍ଟ ଦୋକାନ ବିରୋଧରେ ଅଭିଯୋଗ ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ମାନ ଖରାପ ହେଲେ ଜରିମାନା ଆଦାୟ ସହ ଦୋକାନ ସିଲ୍ କରାଯିବାର ନିୟମ ରହିଛି।



ନାଟ୍ୟକାର ଯୁଗ ପ୍ରକାଶ କାନୁନ୍‌ଗୋଙ୍କ ସ୍ମୃତି ଉଦ୍ଦେଶ୍ୟରେ କଟକ ଅନ୍ନପୂର୍ଣ୍ଣା ଥିଏଟରଠାରେ ଶୁକ୍ରବାର ଥିଏଟର ବି ଗ୍ରୁପ କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'କାହାଣୀ ଏକ ଯୁଗର'ର ଏକ ଦୃଶ୍ୟ।

## ସଂକ୍ଷେପରେ

### ବିଦ୍ୟାଳୟସ୍ତରୀୟ ଲିଙ୍ଗଗତ ସମାନତା କର୍ମଶାଳା

ପୁରୀ ଅଫିସ, ୨୯।୧୦: ସ୍ୱର୍ଗଦ୍ୱାରସ୍ଥିତ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟରେ ଓସେପା ଏବଂ ପିପୁଲ ଫର୍ ଆକ୍ସନର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଲିଙ୍ଗଗତ ସମାନତା ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା ଉଦ୍‌ଘାଟିତ ହୋଇଛି। ଏହା ୩ଦିନ ଧରି ଚାଲିବ। ମୁଖ୍ୟ ଅତିଥି ଭାବେ ପିପୁଲ ଫର ଆକ୍ସନ ଅନୁଷ୍ଠାନର ଡେପୁଟି ଡାଇରେକ୍ଟର ମନ୍‌ମିତ୍ କୌର ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମାଜର ବିଭିନ୍ନ ସ୍ତରରେ ହେଉଥିବା ଲିଙ୍ଗଗତ ଅସମାନତାକୁ କିପରି ଦୂର କରାଯାପାରିବ ସେ ନେଇ କୌର ଦିଗ୍‌ଦର୍ଶନ ଦେଇଥିଲେ। କର୍ମଶାଳାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର କର ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ପିପୁଲ୍ ଫର୍ ଆକ୍ସନର ରାଜ୍ୟ ସଂଯୋଜକ ହିତେଶ ଦାସଭାୟା, ଜିଲା ସଂଯୋଜକ ସଂଗ୍ରାମ ସାମଲ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସନ୍ତୋଷ କୁମାର ଚୈଧୁରୀ ଏବଂ ବିଦ୍ୟାଳୟ ଆଲୁମିନି କମିଟିର ପ୍ରତିନିଧି ସୁକାନ୍ତ ପଣ୍ଡା ଯୋଗଦେଇଥିଲେ। ଭବିଷ୍ୟତର ବିଦ୍ୟାଳୟ ନେତୃତ୍ୱ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲାର ୫୦ଟି ବିଦ୍ୟାଳୟରେ ଏହି କର୍ମଶାଳା ଆୟୋଜିତ ହେଉଛି। ଛାତ୍ରୀଙ୍କୁ ଗଳ୍ପଲିଖନ, ଚିତ୍ରାଙ୍କନ, ଖେଳ ମାଧମରେ ଲିଙ୍ଗଗତ ସମାନତା ଆଣିବା ପାଇଁ ମାନସିକ ସ୍ତରରେ ସୁଦୃଢ଼ କରାଯାଉଛି। ଏହି କର୍ମଶାଳାକୁ ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ହୋତା ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।

### ବଟି ମାଗି ଯୁବକ ଗିରଫ

ପୁରୀ ଅଫିସ, ୨୯।୧୦: ଦାଦାବଟି ମାଗିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଚୁଡ଼ଙ୍ଗ ସାହି ଖୁଣ୍ଟିଆ ବଗିଚାର ବିବେକ ଭୋଇ ଓରଫ ବୁବୁନା (୨୧)। ତାଙ୍କଠାରୁ ଏକ ଛୁରି ଜବତ ହୋଇଛି। ଏ ନେଇ କେସ୍ ନଂ. ୩୧୨/୨୧ ରୁଜୁ କରାଯାଇଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ପିପିଲି,୨୯।୧୦(ସ୍ୱ.ପ୍ର.): ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ କଡ ପିପିଲି ଦାଣ୍ଡମୁକୁନ୍ଦପୁର ବରାଗଡ ଛକରେ ଥିବା ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପିପିଲି ଥାନା ପୋଲିସ ଗୁରୁବାର ଜବତ କରିଛି। ମୃତକ ହେଲେ ଏହି ଥାନା ଅଧୀନ ବରାଗଡ଼ ଗ୍ରାମର ଉମାକାନ୍ତ ପରିଡ଼ା। ଏ ନେଇ ପୋଲିସ ଏକ ମାମଲା(ନଂ.୧୮/୨୧) ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ଗଛ ନିକଟରୁ ଏକ ବାଇକ୍ ଜବତ କରି ତଦନ୍ତ ଚଳାଇଛି। ଶୁକ୍ରବାର ସକାଳୁ ବରାଗଡ ଛକ ପାଖ ଏକ ଗଛରେ ଉମାକାନ୍ତ ବେକରେ ଗାମୁଛା ବାନ୍ଧି ଝୁଲିଥିବା ଗ୍ରାମବାସୀ ଦେଖିଥିଲେ। ଖବର ପାଇ ପୋଲିସ ପହଞ୍ଚି ଗଛ ନିକଟରେ ବାଇକ୍ ଥିବାବେଳେ ନିଜ ମୃତ୍ୟୁ ପାଇଁ କେହି ଦାୟୀ ନ ଥିବା ଏକ ପଥରରେ ଲେଖା ହୋଇଥିଲା। ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ ମଧ ମୃତ୍ୟୁର କାରଣ ଜଣାପଡିନାହିଁ। ଏ ନେଇ ଉମାକାନ୍ତଙ୍କ ବାପା ଉପେନ୍ଦ୍ର ପରିଡା ଥାନାରେ ଏତଲା ଦେଇଥିଲେ।

## ୨ କେଜି ଗଞ୍ଜେଇ, ୨ ବାଇକ୍ ଜବତ: ୪ ଗିରଫ

**ପିପିଲି,୨୯।୧୦(ସ୍ୱ.ପ୍ର.):**

ପୁରୀ ଜିଲା ମୋବାଇଲ ସ୍କ୍ୱାଡ ଓ ପିପିଲି ଅବକାରୀ ବିଭାଗ ମିଳିତ ଭାବେ ପିପିଲି ସମେତ ଆଖପାଖ ଅଞ୍ଚଳରେ ଚଢାଉ କରି ୨ଟି ବାଇକ୍ ସହ ୬ ପେଟି ଦେଶୀମଦ ଓ ୨ କେଜି ଗଞ୍ଜେଇ ଜବତ କରିଛନ୍ତି। ଏଥିସହ ଏଥିରେ ସମ୍ପୃକ୍ତ ୪ ଜଣ ବେପାରୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଜଟଣୀ ନିକଟସ୍ଥ ନିରଞ୍ଜନପୁର ଗ୍ରାମର ହରେକୃଷ୍ଣ ସୁନ୍ଦରାୟ, ପିପିଲି ନିକଟସ୍ଥ କଣ୍ଟି ଗ୍ରାମର ଦୀପକ ସୁବୁଦ୍ଧି, ପିପିଲି ଅଞ୍ଚଳର ବଟକୃଷ୍ଣ ପାତ୍ର ଏବଂ ପିପିଲି ଆରୁଆ ଗ୍ରାମର ସୋମନାଥ ମହାପାତ୍ର। ଏ ନେଇ ବିଭାଗ ପକ୍ଷରୁ ପୃଥକ ଭାବେ ୪ଟି ମାମଲା(ନଂ. ୪୧, ୪୨, ୧୧୯,୧୨୦/୨୧) ରୁଜୁ ହୋଇଛି। ସୂଚନା ମୁତାବକ, ଭୁବନେଶ୍ୱରରୁ ଦେଶୀମଦ, ଗଞ୍ଜେଇ ପିପିଲି ଓ ତା'ର ଆଖପାଖ ଅଞ୍ଚଳକୁ ଚାଲାଣ ହେଉଥିବା ଅବକାରୀ ବିଭାଗରେ ଅଭିଯୋଗ ହୋଇଥିଲା। ତେବେ ବିଶେଷ ସୂତ୍ରରୁ ଖବରପାଇ ଶୁକ୍ରବାର ଭୋରରୁ ପୁରୀ ଜିଲା ମୋବାଇଲ ସ୍କ୍ୱାଡର ଏକ ଟିମ୍ ଭୁବନେଶ୍ୱରରୁ ପିପିଲି ଅଭିମୁଖେ ଆସୁଥିବା ଦୁଇଟି ବାଇକ୍‌କୁ ପିପିଲି ଟୋଲ୍‌ଗେଟ ନିକଟରେ ଧରିଥିଲେ। ଯାଞ୍ଚବେଳେ ଗଞ୍ଜେଇ, ମଦ ରଖିଥିବାରୁ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ୬ଟି ପେଟିର ୩୫ ଲିଟରରୁ ଉର୍ଦ୍ଧ୍ୱ ଦେଶୀ ମଦ ଓ ୨ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରାଯାଇଥିବା ପିପିଲି ଅବକାରୀ ବିଭାଗ ଅଧିକାରୀ ସଞ୍ଜୟ କୁମାର ପଣ୍ଡା କହିଛନ୍ତି।

## ଦୁର୍ଘଟଣାରେ ବାଇକ୍ ଚାଳକ ଆହତ

**ଡେଲାଙ୍ଗ,୨୯।୧୦(ଡି.ଏନ୍.ଏ.):**

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ମୋହନପୁର ନିକଟସ୍ଥ ମାଣିକିଆ ଛକ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଭାବେ ଆହାତ ହୋଇଛନ୍ତି। ଆହତ ଜଣଙ୍କ ଘର ପିପିଲି ଥାନା ଭାବାନିପୁର ଗ୍ରାମର ଆୟୁବୁ ଖାଁ (୩୭)। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଯୁବକ ଜଣକ ଲୁଣାନଦୀ ବନ୍ଧର ପୂର୍ବପାଶ୍ୱ ବନ୍ଧରେ ଡେଲାଙ୍ଗ ଅଭିମୁଖେ ଆସୁଥିଲେ। ମାଣିକିଆ ଛକଠାରେ ହଠାତ୍ ଭାରସାମ୍ୟ ହରାଇ ବିଦ୍ୟୁତ ଟ୍ରାନ୍ସଫର୍ମର ତିପିରେ ବାଇକ୍ ସହ ପିଟିହୋଇଯାଇଥିଲେ। ସ୍ଥାନୀୟ ଲୋକ ଆହତ ଯୁବକଙ୍କୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

## ବିପର୍ଯ୍ୟୟ ପ୍ରସ୍ତୁତି ଦିବସ

**ସାକ୍ଷୀଗୋପାଳ,୨୯।୧୦(ସ୍ୱ.ପ୍ର.):**

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସାକ୍ଷୀଗୋପାଳର ଜାତୀୟ ସେବା ଯୋଜନା ତଥା ଯୁବ ରେଡକ୍ରସ ଆନୁକୂଲ୍ୟରେ ଶୁକ୍ରବାର ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ ହୋଇଯାଇଛି। ସତ୍ୟବାଦୀ ବିଡିଓ କ୍ଷୀରୋଦ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଶା କିପରି ଦେଶରେ ବିପର୍ଯ୍ୟୟ ପରିଚାଳନାରେ ସର୍ବୋତ୍ତମ ମଡେଲ ହୋଇପାରିଛି ତାହା ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ସତ୍ୟବାଦୀ ଅଗ୍ନିଶମ ବିଭାଗର ଅଧୀକ୍ଷକ ମନୋଜ ପାତ୍ର ଯୋଗଦେଇ ବିଭିନ୍ନ ପ୍ରକାର ବିପର୍ଯ୍ୟୟକୁ ବ୍ୟକ୍ତିଗତ ଭାବେ ମୁକାବିଲା କରିବାର ଉପାୟ ସମ୍ପର୍କରେ କହିଥିଲେ। ଅନୁଷ୍ଠାନର ଅଧକ୍ଷ ଡ. ରତିକାନ୍ତ ପରିଡ଼ା ବିପର୍ଯ୍ୟୟର ସଂଜ୍ଞା, ସ୍ୱରୂପ ବୁଝାଇଥିଲେ। ପୋଷ୍ଟର ଅଙ୍କନ ପ୍ରତିଯୋଗିତାର ବିଜୟୀ ପ୍ରକାଶ ପରିଡ଼ା ଓ ବନ୍ଦିତା ବିଭୂଦର୍ଶିନୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ପ୍ରିୟଦର୍ଶିନୀ ପଣ୍ଡା ଓ ସମର୍ପିତା ବେହେରା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ ପଦାଧିକାରୀ ରତ୍ନାକର ସାହୁ, ରାଜଶ୍ରୀ ଶତପଥୀ, ଶଙ୍କର୍ଷଣ ପ୍ରଧାନ, ସ୍ୱର୍ଣ୍ଣଲତା ମାହାରୀ ଓ ମନୋଜ ପରିଡ଼ା ପରିଚାଳନା କରିଥିଲେ। ରାଜକିଶୋର ପତି ଧନ୍ୟବାଦ ଦେଇଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିପର୍ଯ୍ୟୟ ମୁକାବିଲା କୌଶଳ ପ୍ରଦର୍ଶନ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଶ୍ୱିନୀ



@ ଅଜିତ



@ ପ୍ରେମାଶିଷ୍



@ ଯଶୋଦା



@ କାହ୍ନା



@ ରାକେଶ

# 'ମନେପଡ଼େ ସେଦିନର ଛାତିଥରା ଦୃଶ୍ୟ'

**ଅସ୍ତରଙ୍ଗ,୨୯।୧୦(ଡି.ଏନ୍.ଏ.):**

୧୯୯୯ ମହାବାତ୍ୟାକୁ ଶୁକ୍ରବାର ୨୨ବର୍ଷ ପୂରିଥିବା ବେଳେ ଏବେ ବି ସେଦିନର ହୃଦୟଥରା ଦୃଶ୍ୟ ମନେ ପଡ଼ି ଲୋକଙ୍କ ଆଖିରେ ଲୁହ ଆସିଯାଉଛି। ଏହି ମହାବାତ୍ୟା ଦ୍ୱାରା ପୁରୀ ଜିଲା ବିଶେଷ କରି ଅସ୍ତରଙ୍ଗ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହି ବ୍ଲକ ଅନ୍ତର୍ଗତ ନୂଆଗଡ ଗାଁ ମୁଣ୍ଡରେ ୧୯୯୯ ମହାବାତ୍ୟାରେ ଉପୁଡ଼ି ପଡିଥିବା ବରଗଛର ଦୃଶ୍ୟ ଏବେ ବି ସ୍ମୃତି ହୋଇରହିଛି। ସେହିପରି ମହାବାତ୍ୟାର ତାଣ୍ଡବରେ ନିଜ ସ୍ୱାମୀ ସହ ପରିବାର ସଦସ୍ୟଙ୍କୁ ହରାଇଥିବାବେଳେ ଫେରିବା ଆଶାରେ ଆଜିପର୍ଯ୍ୟନ୍ତ ଚାହିଁ ବସିଛନ୍ତି ନୂଆଗଡ଼ ଗ୍ରାମର କମଳା ବିଶ୍ୱାଳ, ପ୍ରମିଳା ବିଶ୍ୱାଳ ଓ ମଧୁପୁର ଗାଁର କଳ୍ପନା ବେହେରା। ମହାବାତ୍ୟା ଦ୍ୱାରା ଜିଲାରେ ବହୁ ଧନଜୀବନ ହାନି ହୋଇଥିବା ବେଳେ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ସର୍ବାଧିକ ଲୋକ ପ୍ରାଣ ହରାଇଥିଲେ। ଏହି ପ୍ରଳୟଙ୍କାରୀ ମହାବାତ୍ୟାକୁ ୨୨ ବର୍ଷ ବିତିଯାଇଥିବାବେଳେ କ୍ଷତିଗ୍ରସ୍ତ ଅସ୍ତରଙ୍ଗ, କାକଟପୁର ଅଞ୍ଚଳର ଚିତ୍ର ଅନେକ ବଦଳିଛି। ରାସ୍ତାଘାଟଠାରୁ ଆରମ୍ଭକରି ସ୍କୁଲର ବିକାଶ ହୋଇଛି। ସରକାରଙ୍କ ଉଦ୍ୟମରେ ୨୨ଟି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ମାତ୍ର ଏଯାବତ ଅଧିକାଂଶ ଲୋକ ଗ୍ରାମୀଣ ଆବାସ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅଞ୍ଚଳବାସୀ ଆହୁରି ୬ଟି ବାତ୍ୟାକୁ ସାମ୍ନା କଲେଣି। ସରକାରଙ୍କ ସୁପରିଚାଳନା ପାଇଁ ସେମାନେ ବିପର୍ଯ୍ୟୟକୁ ସାମ୍ନା କରିବାରେ ସଫଳ ହୋଇଥିବା କହିଛନ୍ତି।

# ଜୀବନକୁ ସମାଜସେବାରେ ନିୟୋଜିତ କରିବା ମହାନ୍ ଯଜ୍ଞ

**ନିମାପଡ଼ା,୨୯।୧୦(ଡି.ଏନ୍.ଏ.):**

ଜୀବନକୁ ସମାଜସେବା କ୍ଷେତ୍ରରେ ନିୟୋଜିତ କରିବା ଏକ ମହାନ୍ ଯଜ୍ଞ ଅଟେ। ଏହି କଥା ଗୀତାରେ ବର୍ଣ୍ଣିତ ହୋଇଥିବାବେଳେ ଏହାକୁ ବହୁ ମହାନ୍ ପୁରୁଷ କହିଛନ୍ତି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ନିମାପଡ଼ାରେ ଆୟୋଜିତ ରତ୍ନାକର ଦାଶ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ପ୍ରତ୍ୟେକ ବ୍ୟକ୍ତି ନିଜକୁ ସାମାଜିକ ସେବା କ୍ଷେତ୍ରରେ ନିୟୋଜିତ କରିବା ଜରୁରୀ। ସ୍ୱଧର୍ମ ସ୍ୱକେନ୍ଦ୍ରିତ ନୁହେଁ, ସମାଜର ମଙ୍ଗଳ ହିଁ ସ୍ୱଧର୍ମ ବୋଲି ରାଜ୍ୟପାଳ କହିଛନ୍ତି। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ମାତା ମଞ୍ଜୁଲତା ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ନିମାପଡ଼ା ବିଷ୍ଣୁପୁର ନିକଟସ୍ଥ ଝାମ୍ପୁଲାକୁଦ ଛକରେ ଶୁକ୍ରବାର ମନ୍ତ୍ରୀ ଦାଶଙ୍କ ପିତାଙ୍କ ନାମରେ ରତ୍ନାକର ଦାଶ ମେମୋରିଆ ଚାରିଟେବୁଲ ଟ୍ରଷ୍ଟର ଭିତ୍ତିପ୍ରସ୍ତର ସ୍ଥାପନ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ରାଜ୍ୟପାଳ ଯୋଗଦେଇ ଟ୍ରଷ୍ଟର ଲୋଗୋ ଉନ୍ମୋଚନ ସହ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ, ସିୱାଇଏସ୍‌ଡିର ଅଧ୍ୟକ୍ଷ ଜଗଦାନନ୍ଦ, ସାହିତ୍ୟିକା ସଙ୍ଗୀତା ଦାଶ, ସାମାଜିକ କର୍ମୀ ନୀହାର ରଞ୍ଜନ ଦାଶ ଯୋଗଦେଇଥିଲେ। ଓଡ଼ିଶା ମୋ ପରିବାର ଓ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୬ଶହ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସମାରୋହକୁ ଅଭିନେତା କୁନା ତ୍ରିପାଠୀ ପରିଚାଳନା ଓ ସଂଯୋଜନା କରିଥିଲେ। ଟ୍ରଷ୍ଟ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରତିଷ୍ଠା ଦିବସ

**କୋଣାର୍କ,୨୯।୧୦(ଡି.ଏନ୍.ଏ.):**

ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ଅଧୀନ ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ୨୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅତିଥି ଭାବେ ଶିକ୍ଷାବିତ୍ ଶରତଚନ୍ଦ୍ର ପ୍ରଧାନ, ଏସ୍‌ବିଆଇ କୋଣାର୍କ ଶାଖା ପ୍ରବନ୍ଧକ ରାଜ୍ ମହାନ୍ତି, ସିଆରସିସି ରବୀନ୍ଦ୍ରନାଥ ବାହିନୀପତି, ବିଦ୍ୟାପୀଠର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଲେଙ୍କା, ଅଗ୍ନିଶମ ବିଭାଗ ପ୍ରଶିକ୍ଷକ ବିଚିତ୍ର ଚୌଧୁରୀ, ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ତ୍ରିପାଠୀ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ବିଦ୍ୟାର୍ଥୀ ଅଙ୍କିତା ସେଠୀ, ଅନିଲ ବେହେରଦଳାଇ, ଗୋବିନ୍ଦ ରଇତ, ରାମଚନ୍ଦ୍ର ମାଝି, ଶିବାନୀ ପାତ୍ର ଓ ସାଇରଞ୍ଜନ ଦଳାଇଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ଦିଆଯାଇଥିଲା। ଯୋଗାଚାର୍ଯ୍ୟ ବାମଦେବ ଆଲୁକ, କିରାଣୀ କୃଷ୍ଣଚନ୍ଦ୍ର ଲେଙ୍କା, ସେବାବ୍ରତୀ ବାବୁଲା କାଣ୍ଡି, ଅଭୟ ଲେଙ୍କା, କାହ୍ନୁଚରଣ ବିଶ୍ୱାଳ ଓ ଜ୍ୟୋତିର୍ମୟ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ବାଲୁଙ୍କେଶ୍ୱର ବାରିକ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ରାମକୃଷ୍ଣ ମହାନ୍ତି ସଂଯୋଜନା କରିଥିଲେ। ଶିକ୍ଷକ ଦିଲୀପ ନାୟକ ଧନ୍ୟବାଦ ଦେଇଥିଲେ। ମାନସ ମୁଦୁଲି, ଦିଲୀପ ସାହୁ, ପଣ୍ଡିତ ରବୀନ୍ଦ୍ର ଦ୍ୱିବେଦୀ, ଚିତ୍ରାଞ୍ଜଳି ନାୟକ, ନିହାରିକା ମହାନ୍ତି, କେ. ବାସନ୍ତୀ ସହଯୋଗ କରିଥିଲେ।



ଖୋର୍ଦ୍ଧା ଜିଲା ଗୟାବନ୍ଧ ଛକ ନିକଟରେ ଶୁକ୍ରବାର ସକାଳେ ୧୭ଟିକିଆ ହାତୀପଲ ୧୬ନମ୍ବର ଜାତୀୟ ରାଜପଥ ପାର ହେଉଛନ୍ତି।




ନିମାପଡ଼ା ଝାମ୍ପୁଲାକୁଦ ଛକଠାରେ ରତ୍ନାକର ଦାଶ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥି।




ମମିତା ମେହେର ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି କରି ଓଡ଼ିଶା ନାଗରିକ ମଞ୍ଚ ସମେତ ବିଭିନ୍ନ ଗଣସଙ୍ଗଠନ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଛି।

